READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ | ସଂଖ୍ୟା-୫୧ | ୦୪ - ୧୦ ଜାନୁଆରୀ, ୨୦୨୧ | ଭୁବନେଶ୍ୱର | Monday Weekly | VOL-4 | ISSUE-51 | 04th - 10th JANUARY, 2021 | BHUBANESWAR | ₹ 5/- (8 Pages)

## ରାଜଧାନୀରେ ଶୂନ୍ ମୁହାଁ କରୋନା

**ଭୁବନେଶ୍ୱର :** ଦୀର୍ଘ ୯ମାସ ଧରି ରାଜ୍ୟରେ ଆତଙ୍କ ଖେଳାଇଥିବା କରୋନା ଏବେ ବିଭିନ୍ନ ଜିଲ୍ଲାରେ ଶୂନ୍ ମୁହାଁ। ସବୁଠୁ ଅଧିକ ଚର୍ଚ୍ଚାରେ ଥିବା ଗଞ୍ଜାମ ଜିଲ୍ଲା ସମେତ ଅନେକ ଜିଲ୍ଲା ଏବେ କରୋନା ମୁକ୍ତ ବୋଲି ଜଣାପଡିଛି। ସବୁଠୁ ହଟ୍‌ସ୍ପଟ ଅଞ୍ଚଳ ଥିବା ରାଜଧାନୀ ଭୁବନେଶ୍ୱରରେ ଏବେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ନୂଆବର୍ଷ ସମସ୍ତଙ୍କ ପାଇଁ ଖୁସି ଖବର ଆଣିଦେଇଛି। ଗତକାଲି ରାଜଧାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଅଙ୍କରେ ସୀମିତ ରହିଥିଲା। ତିନି ଅଙ୍କରୁ ଦୁଇ ଅଙ୍କକୁ ଖସିବା ପରେ ଏବେ ରାଜଧାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଅଙ୍କକୁ ଖସିଥିବାରୁ ଏହା ଖୁବ୍‌ଶୀଘ୍ର



ଶୂନ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି। ମାର୍ଚ୍ଚ ଓ ଏପ୍ରିଲ ମାସରେ କରୋନା ନିଜର କାୟା ବିସ୍ତାର କରୁଥିଲା ବେଳେ ରାଜଧାନୀରେ ଅନେକାଂଶ ଦିନ ୧୦ରୁ କମ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ଏବେ ସ୍ଥିତି ସେହିଭଳି ହୋଇଯାଇଛି। କିନ୍ତୁ ସେତେବେଳେ ରାଜଧାନୀରେ ଜଣେ, ଦୁଇଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସ୍ଥାନୀୟ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଯାଉଥିଲା। ଧୀରେ ଧୀରେ ଏହି ଭୟ କମିବାରେ ଲାଗିଲା। ଲୋକ ମଧ୍ୟ କୋଭିଡ୍ କଟକଣା ନିୟମ ମାନି ମାସ୍କ ପିନ୍ଧିବା ସହିତ ସାନିଟାଇଜରରେ ହାତ ସଫା କଲେ। ଏଥିରେ ସାମାଜିକ ଦୂରତା ବଜାୟ ରଖିବା ସହିତ କାର୍ଯ୍ୟସ୍ଥଳୀ, ଦୋକାନ ବଜାର ଓ ସବୁଠାରେ କୋଭିଡ୍ ଗାଇଡଲାଇନ୍‌କୁ ପାଳନ କରାଯାଇଥିଲା। ଏବେ ଆକ୍ରାନ୍ତଙ୍କ ସଂଖ୍ୟା କମିଯାଇଥିବାରୁ ରାଜଧାନୀବାସୀ ଆଶ୍ୱସ୍ତ ହେଉଛନ୍ତି। ବର୍ତ୍ତମାନ କରୋନା ସ୍ଥିତିକୁ ଦେଖି ସମ୍ଭାବନା ସୃଷ୍ଟି ହେଲାଣି ଯେ, ➤ ପୃ-୬

## ୧୧ରୁ ଖୋଲିବ କଲେଜ, ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର :** ଜାନୁଆରୀ ୧୧ତାରିଖରୁ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବାକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗପକ୍ଷରୁ ବିଜ୍ଞପ୍ତି ଜାରିହୋଇଛି । କେବଳ +୩ ଫାଇନାଲ୍ ଓ ପିଜିର ଶେଷ କ୍ଲାସ୍ ହେବ। ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ପାଠପଢ଼ା ଚାଲିବ। ମାର୍ଚ୍ଚ ୩୧ ମଧ୍ୟରେ ପରୀକ୍ଷା ହେବ ଏବଂ ଏପ୍ରିଲ ୩୦ସୁଦ୍ଧା ଫଳାଫଳ ପ୍ରକାଶ ପାଇବ । +୩ ଶେଷବର୍ଷର ପଞ୍ଚମ ସେମିଷ୍ଟର ପରୀକ୍ଷା ମାର୍ଚ୍ଚ ୧୬ ତାରିଖରେ ଆରମ୍ଭ ହୋଇ ୩୧ରେ ସରିବ। ଫାଇନାଲ୍ ସେମିଷ୍ଟର ପରୀକ୍ଷା ଜୁନ ୧୬ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ। ସେହିପରି ପିଜି ଶେଷ ବର୍ଷର ୩ୟ ସେମିଷ୍ଟର ମାର୍ଚ୍ଚ ୧୬ରୁ ଆରମ୍ଭ ହୋଇ ୩୧ରେ ସରିବ। ପିଜିର ଶେଷ ସେମିଷ୍ଟର ଜୁନ ୧୬ରେ ଆରମ୍ଭ ହୋଇ ୩୦ ତାରିଖରେ ସରିବ। ➤ ପୃ-୬

## ମାଟ୍ରିକ୍‌ରେ ୮୦ ମାର୍କର ପରୀକ୍ଷା, ୧୦୦ ମାର୍କର ଫଳ

**ଭୁବନେଶ୍ୱର :** ୨୦୨୧-୨୨ ମାଟ୍ରିକ ପରୀକ୍ଷାରେ ବଦଳିବ ପ୍ରଶ୍ନପତ୍ର ଢ଼ାଞ୍ଚା। ପୂର୍ବପରି ୬୦୦ ମାର୍କ ନୁହେଁ, କେବଳ ୪୮୦ମାର୍କର ପରୀକ୍ଷା ଦେବେ ପରୀକ୍ଷାର୍ଥୀ। ସେହିପରି ପ୍ରତି ବିଷୟରେ ପୂର୍ବରୁ ୧୦୦ମାର୍କ ରହୁଥିବା ବେଳେ ଏଣିକି ଏହା ୮୦ମାର୍କକୁ ହ୍ରାସ କରାଯାଇ ଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ପ୍ରତି ବିଷୟରେ ୮୦ ମାର୍କରୁ ୫୦ ମାର୍କର ଓଏମ୍‌ଆର୍ ଅବଜେକ୍ଟିଭ୍ ଏବଂ ୩୦ ମାର୍କର ସବଜେକ୍ଟିଭ ପ୍ରଶ୍ନ ରହିବ। କିନ୍ତୁ ଫଳାଫଳ ପ୍ରକାଶ ବେଳେ ୧୦୦ ମାର୍କର ମୂଲ୍ୟାୟନ ହେବ । ୮୦ ମାର୍କରୁ ପରୀକ୍ଷାର୍ଥୀ ରଖିଥିବା ମାର୍କ ଅନୁଯାୟୀ ବଳକା ୨୦ ମାର୍କ ପାଇଁ ଆଭ୍‌ରେଜ୍ ମାର୍କ ମିଳିବ। ସେହିପରି ପରୀକ୍ଷା ସରିବାର ୪୫ରୁ ୫୦ ଦିନ ଭିତରେ ଫଳ ପ୍ରକାଶ ପାଇବ। ମିଳିଥିବା ସୂଚନା ଅନୁଯାୟୀ, ୬ଟି ବିଷୟ ମଧ୍ୟରୁ ଗଣିତ ବିଷୟ ପରୀକ୍ଷା ସର୍ବାଧିକ ୨ଘଣ୍ଟା ୧୫ମିନିଟ୍‌ର ରହିବ। ଅବଶିଷ୍ଟ ସଂସ୍କୃତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ବିଷୟ ପରୀକ୍ଷାର ➤ ପୃ-୬

## ଟିକା ୧୧୦% ନିରାପଦ : ଡିସିଜିଆଇ

**ନୂଆଦିଲ୍ଲୀ :** ଭାରତରେ ଆଷ୍ଟ୍ରାଜେନିକା ଓ ଅକ୍ସଫୋର୍ଡ ୟୁନିଭରସିଟି ଦ୍ୱାରା ବିକଶିତ କୋଭିସିଲ୍ଡ ଓ ଭାରତ ବାୟୋଟେକ୍‌ର କୋଭିଡ୍ ଟିକା କୋଭାକ୍ସିନ୍‌କୁ ରବିବାର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ସୀମିତ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ପ୍ରଦାନ କରିଛି। ଏ ସମ୍ପର୍କରେ ଡିସିଜିଆଇ ଡାକ୍ତର ଭି ଜି ସୋମାନୀ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ସ୍ୱଦେଶ ନିର୍ମିତ କୋଭାକ୍ସିନ୍ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର) ସହଯୋଗରେ ଭାରତ ବାୟୋଟେକ୍ ଦ୍ୱାରା ବିକଶିତ ହୋଇଛି। ଅନ୍ୟପକ୍ଷରେ ବିଶ୍ୱର ସର୍ବବୃହତ୍ତ ପ୍ରତିଷେଧକ ପ୍ରସ୍ତୁତକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଆଷ୍ଟ୍ରାଜେନିକା ଅନୁବନ୍ଧିତ ହୋଇ କୋଭିସିଲ୍ଡ ପ୍ରସ୍ତୁତ କରିଛି।




ଏହି ପରିପ୍ରେକ୍ଷୀରେ ଡିସିଜିଆଇ ଭି ଜି ସୋମାନୀ କହିଛନ୍ତି, ଏହି ପ୍ରତିଷେଧକ ସମ୍ପୂର୍ଣ୍ଣ ନିରାପଦ। ଯଦି ଏଥିରେ ସାମାନ୍ୟତମ ବିପଦ ରହିଥାନ୍ତା ତାହାହେଲେ ଆମେ ଏହାକୁ ➤ ପୃ-୬

### ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ

## ଆତ୍ମନିର୍ଭର ଭାରତରେ ଯୋଗଦାନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, (ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ସମାରୋହରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିୟାଲ 'ନିଶଙ୍କ', କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଇଆଇଏମ ସମ୍ବଲପୁରର ଏହି ସ୍ଥାୟୀ କ୍ୟାମ୍ପସ କେବଳ ଓଡ଼ିଶାର ସଂସ୍କୃତି ଏବଂ ପ୍ରାକୃତିକ ସମ୍ପଦକୁ ପ୍ରଦର୍ଶିତ କରିବ ନାହିଁ ବରଂ ମ୍ୟାନେଜମେଂଟ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରରେ ଏକ ପରିଚୟ ପ୍ରଦାନ କରିବ। ସେ କହିଥିଲେ ଯେ ପୂର୍ବରୁ ବାହାରୁ ବହୁରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଭାରତକୁ ଆସୁଥିବା ବେଳେ ନିକଟ ଅତୀତରେ ଭାରତୀୟ ବହୁରାଷ୍ଟ୍ରୀୟ ସଂସ୍ଥାଙ୍କର ସଂଖ୍ୟା ବୃଦ୍ଧି ପାଇଛି। ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଷ୍ଟାର୍ଟଅପଗୁଡ଼ିକ ମୁଣ୍ଡ ଟେକୁଥିବା ବେଳେ ଭାରତରେ ସଙ୍କଟଜନକ ପରିସ୍ଥିତି ସତ୍ତ୍ୱେ ଅଧିକ 'ୟୁନିକର୍ଣ୍ଣ'ଗୁଡ଼ିକୁ ଦେଖିବାକୁ ମିଳିଛି। କୃଷି କ୍ଷେତ୍ରରେ ଦ୍ରୁତ ସଂସ୍କାର ଜାରି ରହିଛି। ଏପରି ପରିସ୍ଥିତିରେ ଦେଶର ଆଶାଆକାଂକ୍ଷା ସହିତ ନିଜର କ୍ୟାରିୟରକୁ ଯୋଡ଼ିବା ଲାଗି ପ୍ରଧାନମନ୍ତ୍ରୀ



ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଏହି ନୂଆ ଦଶନ୍ଧିରେ, ବ୍ରାଣ୍ଡ ଇଣ୍ଡିଆକୁ ଏକ ବିଶ୍ୱସ୍ତରୀୟ ପରିଚୟ ପ୍ରଦାନ କରିବା ଆପଣମାନଙ୍କର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରକୁ ନେଇଯିବାରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ସମ୍ବଲପୁର ଅଂଚଳରେ ରହିଥିବା ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନର ଉନ୍ନତି ନିମନ୍ତେ ଅଭିନବ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ହସ୍ତଶିଳ୍ପ, ବୟନ ଏବଂ ଜନଜାତି କଳା ଆଦିରେ ରହିଥିବା ଅପାର ସମ୍ଭାବନା ଯୋଗୁ ଏସବୁ ସ୍ଥାନୀୟ ଉତ୍ପାଦଗୁଡ଼ିକର ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଆହ୍ୱାନ କରିଥିଲେ। ଆତ୍ମନିର୍ଭର ଭାରତ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ**
କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ**
କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ**
କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ**
ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ**
ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା**
ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା**
ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା**
ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ**
ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର**
ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ**
ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସମସ୍ତଙ୍କୁ ମିଳିବ ବାସଗୃହ : ପ୍ରଧାନମନ୍ତ୍ରୀ

**ନୂଆଦିଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ବାସଗୃହ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ଗରିବ ଲୋକମାନଙ୍କ ଦୁର୍ଦ୍ଦଶାର ଅବସାନ ଘଟାଇବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି। ଭିଡ଼ିଓ କନ୍ଫରେନ୍ସିଂ ମାଧ୍ୟମରେ ୬ଟି ରାଜ୍ୟରେ ଗ୍ଲୋବାଲ ହାଉସିଂ ଟେକ୍ନୋଲୋଜି ଚାଲେଞ୍ଜ - ଇଣ୍ଡିଆ ଅଧୀନରେ ଲାଇଟ୍ ହାଉସ୍ ପ୍ରକଳ୍ପଗୁଡ଼ିକର ଭିତିପ୍ରସ୍ତର ସ୍ଥାପନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଲାଇଟ୍ ହାଉସ୍ ପ୍ରକଳ୍ପ ସର୍ବସାଧାରଣଙ୍କ କଲ୍ୟାଣ ଦିଗରେ ଏକ ସର୍ବୋତ୍କୃଷ୍ଟ ବୈଷୟିକ ଜ୍ଞାନ। ଲାଇଟ୍ ହାଉସ୍ ପ୍ରକଳ୍ପ ସହରାଞ୍ଚଳର ଗୃହନିର୍ମାଣ ଆବଶ୍ୟକତାର ପୂରଣ ଦିଗରେ ବହୁମାତ୍ରାରେ ସାହାଯ୍ୟ କରିବ। ଦେଶର ବିକାଶକୁ ଆଗେଇ ନେବାପାଇଁ ଅତ୍ୟାଧୁନିକ ବୈଷୟିକ ଜ୍ଞାନର ପ୍ରୟୋଗ କରାଯାଉଥିବାରୁ ଏହି ପ୍ରକଳ୍ପଗୁଡ଼ିକ ପ୍ରତ୍ୟେକ ଭାରତୀୟଙ୍କ ଲାଗି ଏକ ଗୌରବର ବିଷୟ। ନବବର୍ଷ ଅବସରରେ ପ୍ରତ୍ୟେକଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏକ ନୂଆ ଉତ୍ସାହ ଓ ଉଦ୍ଦୀପନାର ସହ ଆମେ ୨୦୨୧ରେ ପ୍ରବେଶ କରୁଛେ। ପୂର୍ବର




ସରକାରମାନେ ଗୃହନିର୍ମାଣ ଯୋଜନାଗୁଡ଼ିକୁ ବିଶେଷ ଗୁରୁତ୍ୱ ଦେଉ ନ ଥିଲେ। ସର୍ବାଙ୍ଗୀନ ଉନ୍ନତି ବିନା ରୂପାନ୍ତରଣ କେବେ ସମ୍ଭବ ନୁହେଁ ବୋଲି ତାଙ୍କ ସରକାର ହୃଦୟଙ୍ଗମ କରିଛନ୍ତି। ଦେଶ ଏକ ନୂଆ ଆଭିମୁଖ୍ୟ ଗ୍ରହଣ କରିଛି ଓ ଦେଶପାଇଁ ଆଗକୁ ନୂଆ ନୂଆ ଉପାୟମାନ ଅପେକ୍ଷା କରି ରହିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, କୋଭିଡ୍-୧୯ ନବୀକରଣ ଓ ନୂଆ ନୂଆ ଜ୍ଞାନକୌଶଳର ପ୍ରୟୋଗ କରିବାକୁ ଦେଶପାଇଁ ସୁଯୋଗ ଆଣିଦେଇଛି। ଆଜି ଭିତିପ୍ରସ୍ତର ସ୍ଥାପନ ହୋଇଥିବା ୬ଟି ଲାଇଟ୍ ହାଉସ୍ ପ୍ରକଳ୍ପ' ଦେଶର ବାସଗୃହ ନିର୍ମାଣ କ୍ଷେତ୍ରକୁ ଏକ ନୂଆ ଦିଗ୍‌ଦର୍ଶନ ଦେବ। ଏହି ପ୍ରକଳ୍ପଗୁଡ଼ିକରେ ଆଧୁନିକ ବୈଷୟିକ ଜ୍ଞାନ ଓ ନବୀକରଣ ପଦ୍ଧତି ଗ୍ରହଣ କରାଯିବ। ଏଗୁଡ଼ିକୁ ବହୁତ କମ୍ ସମୟ ମଧ୍ୟରେ ନିର୍ମାଣ କରାଯିବ ଏବଂ ଗରିବ ଲୋକମାନଙ୍କୁ ଶସ୍ତାରେ ବାସଗୃହ ଯୋଗାଇ ଦିଆଯିବ। ରାଞ୍ଚିରେ ଜର୍ମାନୀର ୩-ଡି ନିର୍ମାଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଥିବାବେଳେ ଅଗରତାଲାରେ ନ୍ୟୁଜ୍‌ଲାଣ୍ଡର ଷ୍ଟିଲ ଫ୍ରେମ ବୈଷୟିକ ଜ୍ଞାନର ପ୍ରୟୋଗ କରାଯାଉଛି। ସେହିପରି ଲକ୍ଷ୍ନୌରେ କାନାଡ଼ାର ବୈଷୟିକ ଜ୍ଞାନ ବ୍ୟବହାର କରାଯାଉଛି। ଏହିସବୁ ପ୍ରକଳ୍ପ ଆମର ଇଞ୍ଜିନିୟର୍, ସ୍ଥପତି, ନିର୍ମାଣ କ୍ଷେତ୍ରର ବିଦ୍ୟାର୍ଥୀ ଓ ଯୋଜନା ପ୍ରସ୍ତୁତ କାରୀମାନଙ୍କୁ ନୂଆ ନୂଆ ଜ୍ଞାନକୌଶଳ ଉପରେ ପରୀକ୍ଷା ନିରୀକ୍ଷା କରିବାକୁ ସୁଯୋଗ ପ୍ରଦାନ କରିବ। ସେହିପରି ନିର୍ମାଣ କ୍ଷେତ୍ରରେ ଗବେଷଣା ଓ ନବୀକରଣକୁ ପ୍ରୋତ୍ସାହିତ କରିବା ଲାଗି ଆଶା ଇଣ୍ଡିଆ ପ୍ରକଳ୍ପ ସରକାର ଆରମ୍ଭ କରିଛନ୍ତି। ଏକବିଂଶ ଶତାବ୍ଦୀରେ ବାସଗୃହ ନିର୍ମାଣ ଲାଗି ନୂଆ ତଥା ଅଳ୍ପ ଖର୍ଚ୍ଚ ପଡୁଥିବା ବୈଷୟିକ ଜ୍ଞାନର ବିକାଶ କରିବାକୁ ଏହା ପଥ ଉନ୍ମୁକ୍ତ କରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଲକ୍ଷ ଲକ୍ଷ ବାସଗୃହ ଅତି ସ୍ୱଳ୍ପ ସମୟ ମଧ୍ୟରେ ନିର୍ମାଣ କରାଯାଇଛି ଓ ଅନେକ ବାସଗୃହର ନିର୍ମାଣ କାର୍ଯ୍ୟ ଜାରି ରହିଛି। ନିଜର ଏକ ବାସଗୃହ ନିର୍ମାଣ କରିବା ଦେଶର ପ୍ରତ୍ୟେକ ନାଗରିକଙ୍କର ଏକ ବଡ଼ ସ୍ୱପ୍ନ ଓ ସରକାର ସହରାଞ୍ଚଳରେ ବାସ କରୁଥିବା ଗରିବ ଓ ମଧ୍ୟବିତ୍ତ ଲୋକମାନଙ୍କର ଏହି ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟତା କରୁଛନ୍ତି। ଏଥିପାଇଁ ସରକାର ସମସ୍ତଙ୍କ ପାଇଁ ବାସଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରୁଥିବାର ପ୍ରଧାନମନ୍ତ୍ରୀ କହିଛନ୍ତି।

## 'ଏଲ୍‌ଏସିରୁ ସୈନ୍ୟ ହ୍ରାସ ହେବନି'



**ନୂଆଦିଲ୍ଲୀ :** ପୂର୍ବ ଲଦାଖ ଅନ୍ତର୍ଗତ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ଅଞ୍ଚଳରେ ଉପୁଜିଥିବା ବିବାଦର ସମାଧାନ ନିମନ୍ତେ ଚୀନ୍ ସହ କୂଟନୈତିକ ଓ ସାମରିକସ୍ତରରେ ହୋଇଥିବା ଆଲୋଚନାରୁ କୌଣସି ସୁଫଳ ମିଳିନାହିଁ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ସେ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଏ ଦୃଷ୍ଟିରୁ ସମ୍ପୃକ୍ତ ଅଞ୍ଚଳରୁ ସୈନ୍ୟ ହ୍ରାସ କରାଯାଇପାରିବ ନାହିଁ। ସୀମାରେ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିବା କାହାରିକୁ ଭାରତ ସହଜରେ ଛାଡ଼ିଦେବ ନାହିଁ ବୋଲି ସେ କହିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ଆହୁରି କହିଛନ୍ତି, ଗତ ଏପ୍ରିଲ ମାସରେ ପୂର୍ବ ଲଦାଖର ସ୍ଥିତି ଯାହା ଥିଲା ଭାରତ ସେହି ସ୍ଥିତାବସ୍ଥା ବଜାୟ ରଖାଯିବାକୁ ଦାବି କରୁଛି। କିନ୍ତୁ ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ପ୍ରସ୍ତାବ ଗୃହୀତ ହୋଇନାହିଁ। ତେଣୁ ଏଲଏସି ଅଞ୍ଚଳରୁ ଚୀନ୍ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିବାକୁ ଭାରତ ଦାବି କରିଆସୁଛି। ଅବଶ୍ୟ ଏହା ସତ୍ୟ ଯେ ଭାରତ ଚୀନ୍ ମଧ୍ୟରେ ବିବାଦ ହ୍ରାସ ଲାଗି ଉଭୟ ସାମରିକ ଓ କୁଟନୈତିକ ସ୍ତରରେ ଆଲୋଚନା ଚାଲିଛି। ମୋ ମତରେ ସ୍ଥିତାବସ୍ଥା ଏକ ସକରାତ୍ମକ ଅଗ୍ରଗତି ଆଦୌ ନୁହେଁ। ଆଲୋଚନା ଚାଲିଛି ଏବଂ ଏହାର ଫଳାଫଳ ସକରାତ୍ମକ ହେବ ବୋଲି ଆମର ଆଶା ରହିଛି। ଉଲ୍ଲେଖଯୋଗ୍ୟ ଭାରତ ଓ ଚୀନ୍ ମଧ୍ୟରେ ବରିଷ୍ଠ କମାଣ୍ଡରସ୍ତରୀୟ ନବମ ପର୍ଯ୍ୟାୟ ଆଲୋଚନା ପାଇଁ ଶୀଘ୍ର ଏକ ତାରିଖ ସ୍ଥିର କରିବା ନିମନ୍ତେ ଦୁଇ ଦେଶ ସମ୍ମତ ହୋଇଛନ୍ତି। ପୂର୍ବରୁ ଦୁଇ ଦେଶ ମଧ୍ୟରେ ଆଠ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ରାସ୍ତା ବାହାରିନାହିଁ। ଗତ ନଭେମ୍ବର ମାସରେ ଅନୁଷ୍ଠିତ ଶେଷ ବୈଠକ ଅମିମାଂସିତ ଭାବେ ଶେଷ ହୋଇଥିଲା। ଉଲ୍ଲେଖଯୋଗ୍ୟ ଗତ ଏପ୍ରିଲ ଓ ମେ' ମାସରେ ଚୀନ ସେନା ପକ୍ଷରୁ ଏକାଧିକବାର ସୀମା ଉଲ୍ଲଘଂନ କରାଯାଇଥିଲା। ଏହା ଫଳରେ ଜୁନ୍ ୧୫ରେ ଲଦାଖର ଗଲୱାନରେ ଦୁଇ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଜଣ ଭାରତୀୟ ଯବାନ ସହିଦ ହୋଇଥିଲେ। ଦୀର୍ଘ ୪୫ ବର୍ଷ ପରେ ଦୁଇ ଦେଶ ମଧ୍ୟରେ ଏଭଳି ରକ୍ତାକ୍ତ ସଂଘର୍ଷ ଘଟିଥିଲା।

## ରାମ ମନ୍ଦିର ନିର୍ମାଣ ଖର୍ଚ୍ଚ ୧୧୦୦ କୋଟି



**ନାଗପୁର :** ଦୀର୍ଘଦିନର ଆଇନଗତ ଲଢେଇ ପରେ ଶେଷରେ ସୁପ୍ରିମକୋର୍ଟଙ୍କ ରାୟ ବଳରେ ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଖୁବଶୀଘ୍ର ନିର୍ମିତ ହେବାକୁ ଯାଉଛି ରାମ ମନ୍ଦିର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଭୂମିପୂଜନ ହୋଇସାରିଛି। ତେବେ ଏହି ମନ୍ଦିର ନିର୍ମାଣ ପାଇଁ ପ୍ରାୟ ୧୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଏହାର ନିର୍ମାଣ ଦାୟିତ୍ୱ ନେଇଥିବା 'ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର' ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ମହାରାଜ ସୂଚନା ଦେଇଛନ୍ତି। ଇତିମଧ୍ୟରେ ସ୍ଥପତି ଓ ଇଂଜିନିୟରମାନେ ମନ୍ଦିରର ନକ୍ସାକୁ ଚୂଡ଼ାନ୍ତ କରିସାରିଛନ୍ତି। ମୁଖ୍ୟ ମନ୍ଦିର ନିର୍ମାଣ ପାଇଁ ପ୍ରାୟ ୪୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାବେଳେ ପରିସରରେ ଅନ୍ୟ ପ୍ରକଳ୍ପଗୁଡିକର ନିର୍ମାଣ ଖର୍ଚ୍ଚ ୭୦୦ କୋଟି ଟଙ୍କା ହେବ ବୋଲି ଗୋବିନ୍ଦ ମହାରାଜ କହିଛନ୍ତି। ମନ୍ଦିରର ମୂଳଦୁଆକୁ ଯଥାସମ୍ଭବ ମଜଭୁତ କରିବା ପାଇଁ ବମ୍ବେ, ଦିଲ୍ଲୀ, ମାଡ୍ରାସ ଓ ଗୁଆହାଟୀ ଆଇଆଇଟି ସମେତ ରୁର୍‌କିସ୍ଥିତ ସେଣ୍ଟ୍ରାଲ ବିଲଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ଏଲ ଆଣ୍ଡ୍ ଟି ଏବଂ ଟାଟା କମ୍ପାନୀର ବିଶେଷଜ୍ଞଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। ମନ୍ଦିର ନିର୍ମାଣ ପାଇଁ ଅନଲାଇନରେ ଏପର୍ଯ୍ୟନ୍ତ ୧୦୦ କୋଟି ଟଙ୍କାର ଅନୁଦାନ ମିଳିସାରିଲାଣି। ଏହାବ୍ୟତୀତ ବାକି ଅନୁଦାନ ନିମନ୍ତେ ଦେଶବ୍ୟାପୀ ୧୧ କୋଟି ପରିବାରକୁ ନିବେଦନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିପାଇଁ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ ହୋଇସାରିଲାଣି।

# ବ୍ରିଟେନ୍ ଫେରନ୍ତାଙ୍କ ଲାଗି ଏସ୍‌ଓପି ଜାରି

**ନୂଆଦିଲ୍ଲୀ :** ଆସନ୍ତା ୮ରୁ ଭାରତବ୍ରିଟେନ ମଧ୍ୟରେ ପୁଣି ଆଶିଂକ ଭାବେ ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଥିଲା ବେଳେ କେନ୍ଦ୍ର ସରକାର ଶନିବାର ସମ୍ପୃକ୍ତ ବିମାନଯାତ୍ରୀଙ୍କ ଲାଗି ଏସ୍‌ଓପି (ମାର୍ଗଦର୍ଶିକା) ଜାରି କରିଛନ୍ତି। ବ୍ରିଟେନ୍‌ରେ ନୂଆ କରୋନା ଭୂତାଣୁ ଷ୍ଟ୍ରେନ୍‌ର ସଂକ୍ରମଣ ଭାରତରେ କ୍ରମଶଃ ବ୍ୟାପିବା ଆରମ୍ଭ କରିଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହି ଏସ୍‌ଓପି ଅନୁଯାୟୀ ବ୍ରିଟେନ୍‌ରୁ ଆସୁଥିବା ଯାତ୍ରୀଙ୍କ ନିମନ୍ତେ ନେଗେଟିଭ୍ କୋଭିଡ୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ଯାତ୍ରୀମାନେ ବିମାନ ରେ ବସିବା ପୂର୍ବରୁ ସେମାନେ ଯେପରି କୋଭିଡ୍ ନେଗେଟିଭ୍ ଟେଷ୍ଟ ରିପୋର୍ଟ ଦାଖଲ କରନ୍ତି ତାହା ସୁନିଶ୍ଚିତ କରିବାକୁ ହେବ। ଅନ୍ୟପକ୍ଷରେ ବ୍ରିଟେନ୍‌ରୁ ଆସୁଥିବା ସବୁ ଯାତ୍ରୀ ଭାରତୀୟ ବିମାନ ବନ୍ଦରରେ ପହଞ୍ଚିବା ମାତ୍ରେ ନିଜ ଖର୍ଚ୍ଚରେ ଆରଟି-ପିସିଆର ଟେଷ୍ଟ କରାଇବେ ବୋଲି ଏହି ଏସ୍‌ଓପିରେ ଉଲ୍ଲେଖ ରହିଛି। ଟେଷ୍ଟ ରିପୋର୍ଟ ନେଗେଟିକ୍ ଆସିଲେ ମଧ୍ୟ ଯାତ୍ରୀଙ୍କୁ ୧୪ ଦିନିଆ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବାକୁ ପଡିବ। ଯେଉଁମାନଙ୍କର ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବ ସେମାନଙ୍କୁ କୋଭିଡ୍ ହସ୍ପିଟାଲରେ ସଙ୍ଗରୋଧରେ



ରହିବାକୁ ହେବ। ଏ କ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ସମନ୍ୱୟ ରକ୍ଷା କରିବେ। ଘରୋଇ ପଜିଟିଭ୍ ନମୁନାଗୁଡିକୁ ଭାରତୀୟ ସାର୍ସ-କୋଭ୍-୨ ଜିନୋମିକ୍ସ କନ୍‌ସୋର୍ଟିୟମ ଲ୍ୟାବ୍‌କୁ ପୁଣି ପରୀକ୍ଷା ପାଇଁ ପଠାଯିବ। ଏହି ଏସ୍‌ଓପି ଜାନୁଆରୀ ୩୦ କିମ୍ବା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ସମସ୍ତ ଅନ୍ତର୍ଜାତୀୟ ବିମାନଯାତ୍ରୀଙ୍କୁ ଏଥିଲାଗି ଏକ ସତ୍ୟପାଠ ଦାଖଲ କରିବାକୁ ହେବ।

## ଫେବୃଆରୀରେ କକ୍ଷପଥ ଛୁଇଁବ ତିଆନ୍‌ୱେନ୍-୧ !

**ବେଜିଂ :** ଚୀନ୍ ତାହାର ମହାକାଶ ଗବେଷଣା କ୍ଷେତ୍ରରେ ଖୁବଶୀଘ୍ର ଆଉ ଏକ ବଡ ସଫଳତା ହାସଲ କରିବାକୁ ଯାଉଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ, ତେବେ ଚୀନ ମହାକାଶ ଯାନ ତିଆନ୍‌ୱେନ୍-୧ ଆସନ୍ତା ଫେବୃଆରୀରେ ମଙ୍ଗଳ ଗ୍ରହର କକ୍ଷପଥରେ ପ୍ରବେଶ କରିବ। ୨୦୨୦ ଜୁଲାଇ ୨୩ରେ ପ୍ରକ୍ଷେପିତ ହୋଇଥିବା ଏହି ମହାକାଶଯାନ ଜାନୁଆରୀ ୩ ଅର୍ଥାତ ରବିବାର ସକାଳ ସୁଦ୍ଧା ପ୍ରାୟ ୪୦୦ ନିୟୁତ କିମି ଯାତ୍ରା କରିସାରିଲାଣି। ପାଞ୍ଚଟନ ଓଜନ ବିଶିଷ୍ଟ ଏହି ମହାକାଶଯାନରେ ଗୋଟିଏ ଅର୍ବିଟର, ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ରହିଛି। ଏପର୍ଯ୍ୟନ୍ତ ତିଆନ୍‌ୱେନ୍-୧ ର ସବୁ ଯନ୍ତ୍ରାଂଶ ସଠିକ୍‌ଭାବେ କାର୍ଯ୍ୟ କରୁଛି ଏବଂ ମଙ୍ଗଳ ଗ୍ରହର କକ୍ଷପଥକୁ ପ୍ରବେଶ କରିବାର ଠିକ୍ ଏକ ମାସ ପୂର୍ବରୁ ଏହାର ବେଗ କ୍ରମଶଃ ହ୍ରାସ ପାଇବ ବୋଲି ଚୀନର ଜାତୀୟ ମହାକାଶ ପ୍ରଶାସନ ସଂସ୍ଥା ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ତିଆନ୍‌ୱେନ-୧ ମହାକାଶରୁ ପୃଥିବୀ ଓ ଚନ୍ଦ୍ରର ଏକାଧିକ ଫଟୋଚିତ୍ର ପଠାଇସାରିଲାଣି। ସୂଚନାଯୋଗ୍ୟ ପ୍ରଥମ ଏସୀୟ ରାଷ୍ଟ୍ରଭାବେ ଭାରତ ୨୦୧୩ ନଭେମ୍ବର ୫ରେ ମଙ୍ଗଳ ଗ୍ରହ ଉପଲକ୍ଷେ 'ମଙ୍ଗଳଯାନ'କୁ ପଠାଇ ସାରିଛି।

# ଦେଶରେ କୋଭିଡ୍ ଟିକାକରଣର ଡ୍ରାଏ ରନ

**ନୂଆଦିଲ୍ଲୀ :** ଦେଶରେ କୋଭିଡ୍ ପ୍ରତିଷେଧକ ଟିକା ପ୍ରସ୍ତୁତ ହୋଇଯିବା ପରିପ୍ରେକ୍ଷୀରେ ଟିକାକରଣ ପ୍ରସ୍ତୁତିର ଅଭ୍ୟାସ ପର୍ବ (ଡ୍ରାଏ ରନ୍) ଶନିବାର ଦେଶବ୍ୟାପୀ ଅନୁଷ୍ଠିତ ହୋଇଛି। ଏଥିପୂର୍ବରୁ ପ୍ରଥମ ଡ୍ରାଏ ରନ୍ ୪ଟି ରାଜ୍ୟ- ଆନ୍ଧ୍ରପ୍ରଦେଶ, ଗୁଜରାଟ, ପଞ୍ଜାବ ଓ ଆସାମରେ ଗତ ଡିସେମ୍ବର ମାସ ୨୮ ଓ ୨୯ ତାରିଖରେ କରାଯାଇଥିଲା। ଦେଶବ୍ୟାପୀ ଡ୍ରାଏ ରନ୍ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ନୂଆଦିଲ୍ଲୀର ଜିଟିବି ହସ୍ପିଟାଲରେ ଏହି ପ୍ରକ୍ରିୟାର ସମୀକ୍ଷା କରିଥିଲେ। ପରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ସରକାର ପ୍ରତିଷେଧକ ଟିକାକୁ ଅନୁମୋଦନ କରିବା କ୍ଷେତ୍ରରେ କୌଣସି ପ୍ରକାର ପ୍ରୋଟୋକଲ କ୍ଷେତ୍ରରେ ଆଦୌ ସାଲିସ୍ କରିବେ ନାହିଁ। ତେଣୁ ଜନସାଧାରଣ ଗୁଜବରେ ବିଶ୍ୱାସ ନକରିବାକୁ ସେ ପରାମର୍ଶ ଦେଇଛନ୍ତି। ଦିଲ୍ଲୀର ସାହଦରା ସ୍ଥିତ ଜିଟିବି ହସ୍ପିଟାଲ, ଦରିଆଗଞ୍ଜର ଅର୍ବାନ ପ୍ରାଇମେରୀ ହେଲ୍‌ଥ ସେଣ୍ଟର ଓ ଦ୍ୱାରକାର ଭେଙ୍କଟେଶ୍ୱର ହସ୍ପିଟାଲରେ ଟିକାକରଣର ରିହର୍‌ସାଲ କରାଯାଇଥିଲା। ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଦରିଆଗଞ୍ଜ କେନ୍ଦ୍ର ପରିଦର୍ଶନରେ ଯାଇ ଏହି ଅଭ୍ୟାସ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷଣ କରିଥିଲେ। ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ତାମିଲନାଡୁ, କେରଳ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଡ୍ରାଏ ରନ୍ କରାଯାଇଛି। ପ୍ରତି ରାଜ୍ୟର ୩ଟି ଲେଖାଏଁ ସ୍ଥାନରେ ଟିକାକରଣର ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଶ୍ଚିମବଙ୍ଗର ଚବିଶପ୍ରଗଣା ଜିଲ୍ଲା ଅନ୍ତର୍ଗତ ଅମ୍‌ଦାଙ୍ଗ, ମଧ୍ୟମଗ୍ରାମ ଓ ଦୂତାବାଦରେ ଡ୍ରାଏ ରନ୍ କରାଯାଇଥିଲା। ଏଥିରେ ଅନ୍ୟୁନ ୭୫ ଜଣ ସ୍ୱାସ୍ଥ୍ୟକର୍ମୀ ଅଂଶଗ୍ରହଣ କରିଥିଲେ। ସକାଳ ୯ଟାରୁ ଏହି ଅଭ୍ୟାସ ଆରମ୍ଭ ହୋଇଥିଲା। କର୍ଣ୍ଣାଟକର କାଲ୍‌ବୁର୍ଗି, ଶିବମୋଗା, ମହୀଶୁର, ବେଲ୍‌ଗାଭି ଓ ବେଙ୍ଗାଲୁରୁରେ ମକ୍‌ଡ୍ରିଲ୍ ସକାଳ ୯ରୁ ଦୁଇ ଘଣ୍ଟା ପାଇଁ କରାଯାଇଥିଲା। ରାଜ୍ୟରେ ଏହି କାର୍ଯ୍ୟକ୍ରମରେ ୧୦୦ ଟିକା ପ୍ରଦାନକାରୀ ଓ ୩୭୫ ଉପଭୋକ୍ତା ଅଂଶଗ୍ରହଣ କରିଥିଲେ। ଏହି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଉପଭୋକ୍ତାମାନେ ସେମାନଙ୍କ ମୋବାଇଲ ଫୋନ୍‌ରେ ମେସେଜ୍ ପଠାଇଥିଲେ। ଉଲ୍ଲେଖଯୋଗ୍ୟ ଦେଶରେ ଡ୍ରାଏ ରନ୍ ପାଇଁ ୯୬ ହଜାର ଡାକ୍ତରଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ଏକ ପ୍ରେସ୍ ଇସ୍ତାହାରରୁ ଜଣାପଡିଛି କେନ୍ଦ୍ର ସରକାର ଟିକାକରଣ ପାଇଁ ୮୩ କୋଟି ସିରିଞ୍ଜ ସଂଗ୍ରହ କରିଥିଲା ବେଳେ ଅତିରିକ୍ତ ୩୫ କୋଟି ସିରିଞ୍ଜ ପାଇଁ ନିଲାମ ଡାକିଛନ୍ତି।

# ବିଶ୍ୱସ୍ତରୀୟ ହେବ ପାରାଦୀପ ବନ୍ଦର

**ନୂଆଦିଲ୍ଲୀ :** ଓଡ଼ିଶା ଓ ଭାରତୀୟ ଅର୍ଥନୀତିକୁ ସଶକ୍ତ କରିବାରେ ପାରାଦୀପ ଆଗାମୀ ଦିନରେ ନିଜର ଭୂମିକାକୁ ବଳିଷ୍ଠ କରିବାକୁ ଯାଉଛି। ପାରାଦୀପ ବନ୍ଦର ସମ୍ପ୍ରସାରଣ ନେଇ ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ ହେବ ବୋଲି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜାହାଜ ଚଳାଚଳ ମନ୍ତ୍ରୀଙ୍କ ସହ ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପାରାଦୀପ ବନ୍ଦରର ଆଗାମୀ ନବକଳେବର ଓ ସମ୍ପ୍ରସାରଣ ନେଇ ସବିଶେଷ ତଥ୍ୟ ଦେଇଥିଲେ। ପାରାଦ୍ୱୀପ ବନ୍ଦରରେ ଆଭ୍ୟନ୍ତରୀଣ ପୋତାଶ୍ରୟରେ କେପ୍ ସାଇଜ୍ (ବୃହତ) ଜାହାଜ ଚଳାଚଳ ଲାଗି ସହଭାଗିତା ଭିତିରେ ନିର୍ମାଣ, ସଂଚାଳନ ଓ ହସ୍ତାନ୍ତର ଆଧାରରେ ୱେଷ୍ଟର୍ଣ୍ଣ ଡକ୍‌ର ବିକାଶକୁ କ୍ୟାବିନେଟ୍ ମଞ୍ଜୁରୀ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂପର୍କିତ ମନ୍ତ୍ରୀମଣ୍ଡଳ ସମିତି ବୈଠକରେ




ପାରାଦ୍ୱୀପ ବନ୍ଦରର ଆଭ୍ୟନ୍ତରୀଣ ପୋତାଶ୍ରୟରେ କେପ୍ ଆକାରର ଜାହାଜ ଚଳାଚଳ ନିମନ୍ତ ସାର୍ବଜନୀନ ଓ ଘରୋଇ ସହଭାଗିତା ଭିତିରେ ନିର୍ମାଣ, ସଂଚାଳନ ଓ ହସ୍ତାନ୍ତର (ବି.ଓ.ଟି) ଆଧାରରେ ୱେଷ୍ଟର୍ଣ୍ଣ ଡକ୍ ର ବିକାଶ ସମେତ ଆଭ୍ୟନ୍ତରୀଣ ପୋତାଶ୍ରୟର ସମସ୍ତ ସୁବିଧାକୁ ଅଧିକ ମଜବୁତ ଓ ଉନ୍ନତ କରିବା ଯୋଜାନାକୁ ମଂଜୁରୀ ପ୍ରଦାନ କରିଛି । କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଓ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ମନସୁଖ ମାଣ୍ଡଭିୟା ନୂଆଦିଲ୍ଲୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ପରିକଳ୍ପନା ଅନ୍ତର୍ଗତ ଏହି ପ୍ରକଳ୍ପ ଲାଗି ଆନୁମାନିକ ୩,୦୦୪.୬୩ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ନୂଆ ୱେଷ୍ଟର୍ଣ୍ଣ ଡକ୍ ର ବିକାଶ ଲାଗି (ବି.ଓ.ଟି.) ଆଧାରରେ ରିହାତି ପାଇବାକୁ ଥିବା ଚୟନ ହେଉଥିବା ସଂସ୍ଥା, ୨୦୪୦ କୋଟି ଟଙ୍କା ଏବଂ ଖନନ ଲାଗି ୩୫୨.୧୩ କୋଟି ଟଙ୍କା ପୁଞ୍ଜିନିବେଶ କରିବ । ଆନୁଷଙ୍ଗିକ ଭିତିଭୂମି ସହାୟତା ବାବଦକୁ ପାରାଦ୍ୱୀପ ବନ୍ଦର ୬୧୨.୫୦କୋଟି ଟଙ୍କା ପୁଞ୍ଜି ଖଟାଇବ । ପ୍ରସ୍ତାବିତ ପ୍ରକଳ୍ପ ଲାଗି ବି.ଓ.ଟି. ଆଧାରରେ ରିହାତି ପାଇବାକୁ ଥିବା ଚୟନ ହେଉଥବା ସଂସ୍ଥା କେପ୍ ଆକାରର ଜାହାଜ ଚଳାଚଳ ଲାଗି ବାର୍ଷିକ ୨୫ ମେଟ୍ରିକ ଟନ୍ ପଣ୍ୟ କାରବାର କ୍ଷମତା ସଂପନ୍ନ ୱେଷ୍ଟର୍ଣ୍ଣ ଡକ୍ ର ପୋତାଶ୍ରୟ ଦୁଇଟି ପର୍ଯ୍ୟାୟରେ ବିକଶିତ କରିବ । ପ୍ରତି ପର୍ଯ୍ୟାୟରେ ୧୨.୫୦ ନିୟୁତ ମେଟ୍ରିକ୍ ଟନ୍ କ୍ଷମତାର ନିର୍ମାଣ କରାଯିବ । ୩୦ ବର୍ଷ ଯାଏଁ ସଂସ୍ଥାର ରିହାତି ଅବଧି ମିଳିବ । ପାରାଦ୍ୱୀପ ବନ୍ଦର କେପ୍ ଆକାର ଜାହାଜର ସୁଗମ ଚଳାଚଳ ଲାଗି ବ୍ରେକ ୱାଟର ସଂପ୍ରସାରଣ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ସହାୟତା ପ୍ରଦାନ କରିବ । ଏହାଦ୍ୱାରା ପଣ୍ୟ କାରବାର ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭିୟା ପ୍ରକାଶ କରିଥିଲେ । ଚାଲୁ ହେବା ପରେ ଏହି ପ୍ରକଳ୍ପ କୋଇଲା ଓ ଚୂନପଥର ଆମଦାନୀରେ ବିଶେଷ ସହାୟକ ହେବ । ଏହାଛଡା ପାରାଦ୍ୱୀପ ବନ୍ଦରର ପାର୍ଶବର୍ତୀ ଅଞ୍ଚଳରେ ଗଢି ଉଠିଥିବ ବହୁ ସଂଖ୍ୟକ ଇସ୍ପାତ ପ୍ରକଳ୍ପ ପରିପ୍ରେକ୍ଷୀରେ ସ୍ଲାଗ ଓ ଇସ୍ପାତ ଉତ୍ପାଦ ରପ୍ତାନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ପ୍ରକଳ୍ପ ଦ୍ୱାରା ସଂପ୍ରତି ବନ୍ଦରରେ ହେଉଥିବା ଜାହାଜ ଗୁଡିକର ଭିଡ ଯଥେଷ୍ଟ ହ୍ରାସ ପାଇବ, ଅଧିକିନ୍ତୁ ଜାହାଜ ମାହାସୁଲ ହ୍ରାସ ଯୋଗୁଁ କୋଇଲା ଆମଦାନୀ ଦର ଶସ୍ତା ହେବ ତଥା ବନ୍ଦର ପାର୍ଶ୍ୱାଂଞ୍ଚଳରେ ଔଦ୍ୟୋଗିକ ଅର୍ଥନୀତିରେ ବିକାଶ ସାଧିତ ହୋଇ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ୧,୫୦୦ ଜଣଙ୍କ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବ।

# ଅପରାଜିତା ସର୍ବଶ୍ରେଷ୍ଠ ସାଂସଦ



**ଭୁବନେଶ୍ୱର :** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ୨୦୨୦ ବର୍ଷର ପ୍ରଦର୍ଶନ ଆଧାରରେ ଦେଶର ସର୍ବଶ୍ରେଷ୍ଠ ସାଂସଦ ଦର୍ଶାଇଛି ଏସିଆ ପୋଷ୍ଟ ଓ ଫେମ୍ ଇଣ୍ଡିଆ ମାଗାଜିନ୍‌ର ସର୍ଭେ ରିପୋର୍ଟ । ବିଭିନ୍ନ ମାପଦଣ୍ଡ ଆଧାରରେ ଲୋକସଭାର ସମସ୍ତ ସାଂସଦଙ୍କ ମଧ୍ୟରୁ ବାଛି ବାଛି ଶ୍ରେଷ୍ଠ ୨୫ଙ୍କ ତାଲିକା ପ୍ରସ୍ତୁତ କରିଥିଲା ଏହି ସଂସ୍ଥା । ହେଲେ ଶ୍ରେଷ୍ଠ ୨୪ ଜଣଙ୍କୁ ପଛକୁ ଠେଲି ନିଜର ଲଢୁଆ ପ୍ରଦର୍ଶନ ଆଧାରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ଅପରାଜିତା । ସଦନରେ ରଖିଥିବା ପ୍ରଶ୍ନ, ବିତର୍କରେ ଭାଗିଦାରୀ, ଗୃହରେ ଉପସ୍ଥାନ, ନିଜସ୍ୱ ପ୍ରସ୍ତାବ, ଉପସ୍ଥାପିତ ନିଜସ୍ୱ ବିଧେୟକ, ଲୋକପ୍ରିୟତା, ସାମାଜିକ ସହଭାଗିତା, କାର୍ଯ୍ୟଶୈଳୀ, ଛବି ଏବଂ ଲୋକସମ୍ପର୍କ ଭଳି ମାପଦଣ୍ଡକୁ ଏହି ସର୍ଭେରେ ସାମିଲ କରାଯାଇଥିଲା । ଉପସ୍ଥାନରେ ଅପରାଜିତା ଶତ ପ୍ରତିଶତ ରଖିଥିବାବେଳେ ଅନ୍ୟ ସବୁଥିରେ ୯୪ପ୍ରତିଶତରୁ ଉର୍ଦ୍ଧ୍ୱ ପ୍ରଦର୍ଶନ କରିଛନ୍ତି । ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ପ୍ରଥମ କରି ୨୦୧୯ରେ ନିର୍ବାଚନ ଲଢ଼ିଥିବା ଅପରାଜିତା ଜିତିକି ସମସ୍ତଙ୍କୁ ଯେତିକି ଚକିତ କରିଥିଲେ, ସାଂସଦ ଭାବରେ ନିଜର ପ୍ରଥମ ବର୍ଷର ପ୍ରଦର୍ଶନ ଦ୍ୱାରା ମଧ୍ୟ ସେତିକି ଦୃଷ୍ଟିଆକର୍ଷଣ କରିଛନ୍ତି । ସର୍ବଶ୍ରେଷ୍ଠ ସାଂସଦ ବିବେଚିତ ହେବାପରେ ଅପରାଜିତା ମଧ୍ୟ ଏନେଇ ଖୁସିବ୍ୟକ୍ତ କରିଛନ୍ତି । ଏହି ଉପଲବ୍ଧି ଦ୍ୱାରା ଲୋକଙ୍କ ପାଇଁ କାମ କରିବାର ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବାସହ ନୂତନ ଶକ୍ତି ହାସଲ କରିବ ବୋଲି ସେ ଟ୍ୱିଟ୍‌କରି ଲେଖିଛନ୍ତି । ଏଥିସହ ଆହୁରି ଶିଖିବାକୁ ଅଛି ଏବଂ ସମସ୍ତଙ୍କ ନିକଟରେ ସେ କୃତଜ୍ଞ ବୋଲି ଜଣାଇଛନ୍ତି । ଜୁଲାଇ ୨୦୨୦ରେ ସାଂସଦ ଭାବେ ଏକ ବର୍ଷ ପୂରଣ କରିବାପରେ ନିଜର ରିପୋର୍ଟ କାର୍ଡ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ ଅପରାଜିତା । ଏପରିକି ପ୍ରତିବର୍ଷ ରଥଯାତ୍ରା ସମୟରେ ସେ ଏହା ପ୍ରଦାନ କରିବେ ବୋଲି ଜଣାଇଛନ୍ତି । ଜଣେ ସାଂସଦ, ଲୋକପ୍ରତିନିଧି ଏବଂ ବିଜେପି ସଦସ୍ୟ ଭାବେ ସେ ୩ଟି ଦିଗରୁ କାର୍ଯ୍ୟ ଜାରି ରଖିଥିବା କହିଛନ୍ତି ।

## ପୁଣି ଗଡିଲା ୮୪ଟି ୧୦୮ ଆମ୍ବୁଲାନ୍ସ

**ଭୁବନେଶ୍ୱର :** ରାଜ୍ୟରେ ଜରୁରୀ ସ୍ୱାସ୍ଥ୍ୟସେବା ଆହୁରି ଅଧିକ ସୁଦୃଢ ହେବ । ନୂଆବର୍ଷରେ ନୂଆ ଆମ୍ବୁଲାନ୍ସ ଆରମ୍ଭ ହୋଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮୪ଟି ନୂଆ ତଥା ଅତିରିକ୍ତ ୧୦୮ ଆମ୍ବୁଲାନ୍ସକୁ ଲୋକାର୍ପିତ କରିଛନ୍ତି । ଏଜି ଛକସ୍ଥିତ ପରିବହନ ଭବନ ପରିସରରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଉଦଘାଟନ କରାଯାଇଛି । ୨୭ଟି ଜିଲା ପାଇଁ ଅତିରିକ୍ତ ୮୪ଟି ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଥିବା ବେଳେ ବାଲେଶ୍ୱର ଜିଲା ପାଇଁ ସର୍ବାଧିକ ୧୧ଟି ଉର୍ଦ୍ଧିଷ୍ଟ ରହିଛି । ଏହି ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ୫ ବର୍ଷ ପାଇଁ ୧୦୪ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାଶ , ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟର ଅତିରିକ୍ତ ମୁଖ୍ୟ ସଚିବ, ପି କେ ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଏବଂ ସବ୍ୟସାଚୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ । ସୂଚନା ଯୋଗ୍ୟ, ୨୦୧୩ ମାର୍ଚ୍ଚ ୫ ତାରିଖରୁ ରାଜ୍ୟରେ ମାଗଣା ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା ।

## ବକ୍ରବାଣୀ



କୋଡିଏ ଯାଇ ଏକୋଇଶ ହେଲା
କେଲେଣ୍ଡର ଖାଲି ବଦଳି ଗଲା
ଗରୀବ ଶୋଇଚି ଫୁଟ ପାଥରେ
ଜିରୋ ନାଇଟି ହୋଟେଲ ଛାତରେ
ରାତି ପାହି ନୂଆ ସକାଳ ହେଲା
ସେଇ ପୁରୁବରେ ସୂର୍ଯ୍ୟ ଉଇଁଲା
ଖଟିଖିଆ ଲୋକ ମୁଲକୁ ଗଲେ
ବାବୁ ବାବୁଆଣୀ ମଉଜ କଲେ
ଫିରିଙ୍ଗୀ ପରବ ପାଳିବା ପାଇଁ
ଭକ୍ତ ପହଞ୍ଚିଲେ ଦେଉଳେ ଧାଇଁ ।

—ଟୁଟୁ

# ବଡ ମେଡିକାଲରେ ମିଳିବ ଏମ୍ସ ପ୍ଲସ ଚିକିତ୍ସା ସୁବିଧା

**ଭୁବନେଶ୍ୱର :** ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ହେଉଛି ଓଡ଼ିଶାବାସୀଙ୍କର ଭରସାର କେନ୍ଦ୍ର । ସ୍ୱାସ୍ଥ୍ୟ ସେବା ପାଇଁ ଓଡ଼ିଶାବାସୀଙ୍କର ବିଶ୍ୱାସର କେନ୍ଦ୍ର କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ନବକଳେବର ହେବ । ସେଥିପାଇଁ ୩୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହି ସମ୍ମାନଜନକ ଅନୁଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଚିକିତ୍ସା ଅନୁଷ୍ଠାନ ଭାବରେ ବିକଶିତ କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ୫-ଟି କାର୍ଯ୍ୟକ୍ରମ ଅଧିନରେ କାର୍ଯ୍ୟକାରୀ କରାଯିବ । ସାଧାରଣ ଲୋକଙ୍କୁ ମିଳିବ ଉନ୍ନତ ଚିକିତ୍ସା ସେବା । ଲକ୍ଷ୍ୟ ଏମ୍ସ ପ୍ଲସ । ଏହି ଯୋଜନାରେ ଭିତ୍ତିଭୂମିର ବିକାଶ ସହିତ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଅଣାଯିବ । ଯାହାକି ୫-ଟି କାର୍ଯ୍ୟକ୍ରମର ମୁଖ୍ୟ ଆଧାର । ୨୦୨୧ରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ନୂଆ ଯୁଗର ସଙ୍କେତ ଦେଉଛି । ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ସରକାରୀ ସ୍ତରରେ ଏହା ଦେଶର ସର୍ବବୃହତ ପ୍ରକଳ୍ପ । ୫୦୦୦ ଶଯ୍ୟା ସହିତ ଡାକ୍ତର, ରୋଗୀ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଏଠାରେ ଉପଲବ୍ଧ ହେବ । ୧୯୪୪ ମସିହାରେ ସ୍ଥାପିତ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ଦୀର୍ଘ ଦିନ ଧରି ଓଡ଼ିଶା ସମେତ ପୂର୍ବ ଭାରତର ବିଭିନ୍ନ ରାଜ୍ୟର ଲୋକମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବାରେ ସୁନାମ କରିଛି । ଏଠାରେ ପଢ଼ିଥିବା ଡାକ୍ତରମାନେ ସାରା ପୃଥିବୀରେ ସେମାନଙ୍କର ଦକ୍ଷତା ଦ୍ୱାରା ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି । ଦେଶରେ ଚିକିତ୍ସା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଏହି ମର୍ଯ୍ୟାଦାଜନକ ଅନୁଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଚିକିତ୍ସା କେନ୍ଦ୍ରରେ ପରିଣତ କରାଯିବ । ମୁଖ୍ୟମନ୍ତ୍ରୀଙ୍କର ୫-ଟି କାର୍ଯ୍ୟକ୍ରମ ଅଧିନରେ ଚିକିତ୍ସା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଆରମ୍ଭ ହେବାକୁ ଥିବା ଏହି ପ୍ରକଳ୍ପ ରୋଗୀମାନଙ୍କୁ ସୁଲଭ ତଥା ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବାରେ ଏକ ଉଦାହରଣ ହୋଇ ରହିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ଜନସାଧାରଣ ସୁଲଭ ତଥା ଉଚ୍ଚ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପାଆନ୍ତୁ । ଲକ୍ଷ୍ୟ, ଓଡ଼ିଶାର ଲୋକ ଏଠିକାରେ ହିଁ ଉନ୍ନତ ଚିକିତ୍ସା ପାଇପାରିବେ । ବହୁ ଓଡ଼ିଆ ଡାକ୍ତର ଦେଶ ବିଦେଶରେ ଚିକିତ୍ସା ସେବା ଯୋଗାଇ ସୁନାମ କରିଛନ୍ତି । ସେମାନେ ଯେପରି ସେମାନଙ୍କ ଜନ୍ମ ମାଟିରେ ସେମାନଙ୍କ ଦକ୍ଷତାକୁ ଓଡ଼ିଶାବାସୀଙ୍କ ସେବାରେ ଲଗାଇ ପାରିବେ, ସେଥିପାଇଁ ମଧ୍ୟ ଏକ ଉତ୍ତମ ପରିବେଶ ସୃଷ୍ଟି କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ପ୍ରକଳ୍ପକୁ ସେ ନିଜେ ବ୍ୟକ୍ତିଗତ ଭାବରେ ତଦାରଖ କରୁଛନ୍ତି । ସମସ୍ତଙ୍କର ସହଯୋଗରେ ଏହି ଅନୁଷ୍ଠାନ ଦିନେ ଦେଶର ଶ୍ରେଷ୍ଠ ୩ଟି ଚିକିତ୍ସା ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ୧୭୫ ଏକର ଜମିରେ ବିକଶିତ ହେବାକୁ ଥିବା ଏକ ମର୍ଯ୍ୟାଦାଜନକ ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ ଶଯ୍ୟା ସଂଖ୍ୟା ୩୫୦୦ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏହାକୁ ୫୦୦୦କୁ ବୃଦ୍ଧି କରାଯିବ । ୩ ବର୍ଷରେ ସମ୍ପୂର୍ଣ୍ଣ ହେବାକୁ ଥିବା ଏହି ପ୍ରକଳ୍ପରେ ଡାକ୍ତର, ରୋଗୀ, ରୋଗୀଙ୍କ ସହାୟକ, ସ୍ୱାସ୍ଥ୍ୟ କର୍ମଚାରୀ ସମସ୍ତଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ । ଅତ୍ୟାଧୁନିକ ଚିକିତ୍ସା ଉପକରଣ ସହିତ ପରିବହନ ବ୍ୟବସ୍ଥା, ଆଧୁନିକ ରେଷ୍ଟୁରାଣ୍ଟ, ବାଣିଜ୍ୟ କେନ୍ଦ୍ର ଓ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ ସୁବିଧା ଉପଲବ୍ଧ ହେବ । ଏଥିରେ ୧୨୮୦ଟି ସରକାରୀ ବାସଗୃହ ନିର୍ମିତ ହେବା ସହିତ ଛାତ୍ରାବାସରେ ଅଧିକ ୨୨୦୦ ଜଣ ଛାତ୍ରଛାତ୍ରୀ ରହିବାର ବ୍ୟବସ୍ଥା କରାଯିବ । ଏହି ହସ୍ପିଟାଲର ଉନ୍ନତି ସହିତ କ୍ରୀଡା ଓ ମନୋରଞ୍ଜନ ପାଇଁ ମଧ୍ୟ ଉତ୍ତମ ପରିବେଶ ସୃଷ୍ଟି କରାଯିବ । ଏହି ମେଡିକାଲ କଲେଜ ହସ୍ପିଟାଲର ସୁପରିଚାଳନା ପାଇଁ ଏକ ସ୍ୱାଧୀନ ପରିଚାଳନା ମଣ୍ଡଳୀ ରହିବ ଯାହାକି, ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହିତ ଚିକିତ୍ସା, ଶିକ୍ଷା ଓ ଗବେଷଣାର ମାନ ବୃଦ୍ଧି ପାଇଁ କାମ କରିବ । ଏହି ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପୂର୍ବ ସଚିବ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ରଖିଥିଲେ ।

**୨୦୨୪ ନୂଆବର୍ଷରେ ପ୍ରକଳ୍ପ ହେବ ଲୋକାର୍ପିତ**
**ସରକାରୀ ଚିକିତ୍ସା କ୍ଷେତ୍ରରେ ଦେଶର ସର୍ବବୃହତ୍ତ ପ୍ରକଳ୍ପ**
**ଖର୍ଚ୍ଚ ୩୫୦୦ କୋଟି**



**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ**

# ପୁରୀରେ ବିମାନବନ୍ଦର ପ୍ରତିଷ୍ଠା ହେଉ

**ଭୁବନେଶ୍ୱର :** ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି । ସେ ଚିଠିରେ ଦର୍ଶାଇଛନ୍ତି ଯେ, ହିନ୍ଦୁ ଧର୍ମର ଚାରିଧାମ ମଧ୍ୟରୁ ଜଗନ୍ନାଥଧାମ ଅନ୍ୟତମ । ଏଠାକୁ ସମଗ୍ର ବିଶ୍ୱରୁ ହିନ୍ଦୁମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି । ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ସେ ଏହି ଚିଠିରେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ପୁରୀଠାରୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କର ସୂର୍ଯ୍ୟ ମନ୍ଦିର ମାତ୍ର ୩୫ କିଲୋମିଟର ଦୂର । ପୁରୀ ସହ ରାମଚଣ୍ଡୀ ଓ ଚନ୍ଦ୍ରଭଗା ବେଳାଭୂମି ସଂଲଗ୍ନ ରହିଛି । ଏହାଛଡ଼ା ଜାତୀୟ ଭିତରକନିକା ଜାତୀୟ ଉଦ୍ୟାନ, ରତ୍ନଗିରି ଓ ଧଉଳି ଭଳି ପ୍ରସିଦ୍ଧ ବୌଦ୍ଧପୀଠ ବି ଏହା ନିକଟରେ ରହିଛି । ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରେ । ଏହାସହିତ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମଧ୍ୟ ପୁରୀର ଅନ୍ୟତମ ଆକର୍ଷଣ । ଏହାସହିତ ପୁରୀ ଆଧ୍ୟାତ୍ମିକ, ପର୍ଯ୍ୟଟନ ଏବଂ ଅର୍ଥନୈତିକ ବିକାଶର କ୍ଷେତ୍ର ହୋଇପାରିବ । ନୂତନ ଅର୍ଥନୈତିକ କାର୍ଯ୍ୟକଳାପ ଦିଗରେ ଅନ୍ତର୍ଜାତୀୟ ବିମାନବନ୍ଦର ଯଥେଷ୍ଟ ସହାୟକ ହେବ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି ନବୀନ । ଏଥିଲାଗି ରାଜ୍ୟ ସରକାର ପୁରୀରେ ଜାଗା ଚିହ୍ନଟ କରିସାରିଛନ୍ତି । ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଲାଗି ଓଡ଼ିଶା ସରକାର ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ବି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏଣୁ ଏନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠାକୁ ପ୍ରାଥମିକତା ଦେବା ଲାଗି ନରେନ୍ଦ୍ର ମୋଦୀ କହନ୍ତୁ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ।

# ବିଜେଡିର ପ୍ରତିଷ୍ଠା ଦିବସରେ କରୋନା କଟକଣା ବାଟବଣା



**ଜଗତ୍‌ସିଂହପୁର:** ରାଜ୍ୟରେ ଦୀର୍ଘ ୨୦ ବର୍ଷ ଧରି ଶାସନ ଗାଦିରେ ବସିଥିବା ବିଜୁ ଜନତା ଦଳ ତାର ୨୩ ତମ ବର୍ଷ ପୁରଣ କରି ୨୪ ବର୍ଷକୁ ଆଲିଙ୍ଗନ କରି ଜିଲ୍ଲାରେ ବିଜେଡିର ପ୍ରଭାବ ଜାରି ରଖିବାକୁ ଉପସ୍ଥିତ ଥିବା ନେତା ମାନେ ତାଙ୍କ କର୍ମୀ ମାନଙ୍କୁ ଆହ୍ୱାନ ଦେଉଥିବାର ଦେଖିବାକୁ ମିଳୁଥିବାବେଳେ କରୋନା କଟକଣା ବାଟବଣା ହେଉଥିବାର ଦେଖିବାକୁ ମିଳିଥିଲା । ଜିଲ୍ଲା ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ନିଜ ନିର୍ବାଚନ ମଣ୍ଡଳୀରେ ୨୪ତମ ପ୍ରତିଷ୍ଠା ଦିବସ ପାଳନ କରି ଉପସ୍ଥିତ ଥିବା କର୍ମୀ ମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲାରେ ବିଜେଡି ସଂଗଠନକୁ ମଜଭୁତ କରି ଆଗାମୀ ପଂଚାୟତ ନିର୍ବାଚନ ବେଳକୁ ଲଢେଇ କରିବାକୁ ପରାମର୍ଶ ଦେଉଥିବାବେଳେ ଜଗତ୍‌ସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକଙ୍କୁ ଦେଖିବାକୁ ମିଳି ନଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ଦିବସ ଉତ୍ସବରେ ଉପସ୍ଥିତ ଥିବା ନେତା ଓ କର୍ମୀ ମାନଙ୍କ ମୁହଁରେ ମାକ୍ସ ନଥିବାର ଦେଖିବାକୁ ମିଳୁନଥିବାବେଳେ ୨୦୦ ଲୋକ ମାନଙ୍କର ମଧ୍ୟାହ୍ନ ଭୋଜନକୁ ଫୁ କରି ହଜାର ହଜାର ସଂଖ୍ୟକ କର୍ମୀ ମାନେ ଖାଇ ସାରି ଖଲିପତ୍ର ଗୁଡିକୁ ମନ ଇଚ୍ଛା ଫିଙ୍ଗୁ ଥିଲେ । ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା ତିର୍ତୋଲ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିରିଡି ଠାରେ ଅନୁଷ୍ଠିତ ହେଉଥିବା ପ୍ରତିଷ୍ଠା ଦିବସ ଉତ୍ସବରେ । ବିଧାୟକ ବିଜୟ ଶଙ୍କର ନେତୃତ୍ୱରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସରେ ରଘୁନାଥପୁର, ତିର୍ତୋଲ ଓ ବିରିଡିର ହଜାର ହଜାର ସଂଖ୍ୟକ କର୍ମୀମାନେ ଯୋଗ ଦେଇଥିବାବେଳେ ଉପସ୍ଥିତ ଥିବା ଅତିଥି ମାନେ କେବଳ ବିଜୁ ବାବୁଙ୍କର ବିଜୟ ଗାନ କରୁଥିବାବେଳେ ତିର୍ତୋଲ ନିର୍ବାଚନ ମଣ୍ଡଳୀର ଅସୁବିଧା ବା ଅଭାବ ସମ୍ପର୍କରେ ପଦଟିଏ ବି ଆଲୋଚନା କରିନଥିଲେ । ଯେଉଁଥିପାଇଁ କର୍ମୀମାନଙ୍କ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ଆଉ କିଛି ମାସ ପରେ ପଂଚାୟତ ନିର୍ବାଚନ ବିଗୁଲ ବାଜିବାକୁ ଥିବା ବେଳେ ଏହି ପ୍ରତିଷ୍ଠା ଦିବସ ମାନଙ୍କରେ ବି କର୍ମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଥିବାର ଦେଖିବାକୁ ମିଳିଥିଲା । ବହୁ ସ୍ଥାନରେ ସ୍ଥାନୀୟ ନେତା ମାନେ ନିଜ ନିଜ ଦଳୀୟ କର୍ମୀ ମାନଙ୍କୁ ଟାଣି ନେଉଥିବାବେଳେ କେତେକ ପୁରୁଣା କର୍ମୀ ମାନଙ୍କୁ ଅଣ ଦେଖା କରାଯାଉଥିଲା । ସେଥିପାଇଁ ସେମାନେ ପଂଚାୟତ ନିର୍ବାଚନ ବେଳକୁ ଜବାବ ଦେବେ ବୋଲି ଆଲୋଚନା କରୁଥିଲେ ।

# ଦାୟିତ୍ୱ ଗ୍ରହଣ କଲେ ନୂତନ ଉନ୍ନୟନ କମିସନର

**ଭୁବନେଶ୍ୱର :** ନୂତନ ଉନ୍ନୟନ କମିସନର ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଗରୁ ସେ ଏସଆରସି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭଳି ଦାୟିତ୍ୱ ତୁଲାଇ ସାରିଛନ୍ତି । ସୁରେଶ ମହାପାତ୍ର ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଅବସ୍ଥାପିତ ହେବା ପରେ ୧୯୮୯ ବ୍ୟାଚର ଆଇଏଏସ୍ ପ୍ରଦୀପ ଜେନା ନୂଆ ଉନ୍ନୟନ କମିସନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୬୪ ମସିହାରେ ଜନ୍ମିତ ପ୍ରଦୀପ କୁମାର ଜେନା ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ପରେ ୧୯୯୧ ମସିହାରେ ପ୍ରଥମେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ପରେ ସେଠାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବେ ତାଙ୍କୁ ବଦଳି କରାଯାଇଥିଲା । ୧୯୯୯ ମସିହାର ମହାବାତ୍ୟା ସମୟରେ ସେ କଟକ ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଥିଲେ । ମହାବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିବାରୁ ପ୍ରଦୀପ ଜେନା ରାଜ୍ୟ ଓ ଜାତୀୟ ସ୍ତରରେ ଉଚ୍ଚପ୍ରଶଂସିତ ହୋଇଥିଲେ । ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଓ ଲୋକାଭିମୁଖୀ କାର୍ଯ୍ୟ କରିବାରେ ତାଙ୍କର ବହୁ ସୁନାମ ରହିଛି । କୃଷି ନିର୍ଦ୍ଦେଶକ ପଦରେ ଥାଇ ଚାଷୀମାନଙ୍କ ପାଇଁ ଅନେକ ସୁଦୂର ପ୍ରସାରୀ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ୨୦୧୭ ମସିହାରେ ପୁରୀ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଭାବେ ତାଙ୍କୁ ନିଯୁକ୍ତ କରାଯାଇଥିଲା । ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିବା ପରେ ତାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସ୍ୱତନ୍ତ୍ର ରିଲିଫ୍ କମିସନର ଭାବେ ଦାୟିତ୍ୱ ଦିଆଯାଇଥିଲା । ଚଳିତ ବର୍ଷ କୋଭିଡ୍ ମହାମାରୀ ସମୟରେ ସାରା ରାଜ୍ୟ ସଂଗ୍ରାମ କରୁଥିବାବେଳେ ସ୍ୱତନ୍ତ୍ର ରିଲିଫ୍ କମିସନର ପଦରେ ରହି ପ୍ରଦୀପ କୁମାର ଜେନା ଅଦ୍ୟାବଧି ତାଙ୍କର ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି ।



# ବିଶ୍ୱସ୍ତରୀୟ ହେବ ନନ୍ଦନକାନନ; ଖର୍ଚ୍ଚ ହେବ ୬୦୦ କୋଟି

**ଭୁବନେଶ୍ୱର :** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସ୍ଥାନୀୟ ଚିଡ଼ିଆଖାନା ପରିସରରେ ପାଳିତ ହୋଇଯାଇଛି । ବିଗତ ୬୦ବର୍ଷ ମଧ୍ୟରେ ନନ୍ଦନକାନନରେ ବହୁ ବିକାଶ ହୋଇଥିବାବେଳେ ଆଗାମୀ ଦିନରେ ଏହାକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନା କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଆଗାମୀ ୨୦ବର୍ଷର ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଏହି ସୂଚନା ଦେବାସହ ଏଥିପାଇଁ ୬୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ଜଣାଇଛନ୍ତି । ସେଣ୍ଟ୍ରାଲ୍ ଜୁ ଅଥରିଟିଙ୍କ ତରଫରୁ ଦେଶର ୧୦ଟି ଚିଡ଼ିଆଖାନାକୁ ବିଶ୍ୱସ୍ତରୀୟ କରାଯିବା ନେଇ ଚିହ୍ନଟ କରାଯାଇଛି । ଏଥିମଧ୍ୟରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମଧ୍ୟ ସ୍ଥାନିତ ହୋଇଛି । ନିକଟରେ ଏଠାରେ ଆରମ୍ଭ ହୋଇଥିବା ବହୁତଳ ପାର୍କିଂସ୍ଥଳର ସମସ୍ତ କାର୍ଯ୍ୟ ଶେଷହୋଇଛି । ବିଲ୍‌ଡିଂ କାମ ସରିଥିବାବେଳେ ଏବେ ବାହାର ପରିବେଶର ସୌନ୍ଦର୍ଯ୍ୟକରଣ ଚାଲିଛି । ଯାହା ଶେଷହେବାକୁ ଆହୁରି ମାସେ ସମୟ ଲାଗିବ । ୨୦୨୧ ସୁଦ୍ଧା ପ୍ରାଣୀ ଉଦ୍ୟାନକୁ ନୂଆରୂପ ଦେବାକୁ ଯୋଜନା ଚାଲିଛି । ଆଜି ମଧ୍ୟ ଚିଡ଼ିଆଖାନା ମଧ୍ୟରେ ସ୍ୱତନ୍ତ୍ର ସଫାରି ବସ୍‌ଷ୍ଟାଣ୍ଡ, ପର୍ଯ୍ୟଟକ ସୁବିଧା କେନ୍ଦ୍ର ଏବଂ ନୂଆ ପ୍ରସ୍ଥାନ ପଥର ଉଦଘାଟନ କରିଛନ୍ତି ମନ୍ତ୍ରୀ । ଖୁବ୍‌ଶୀଘ୍ର ଉଦ୍ୟାନ ପରିସରରେ ଟୟ ଟ୍ରେନ୍ ଓ ରୋପ୍ ୱେ ମଧ୍ୟ ଚାଲୁକରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଚଳିତବର୍ଷ କରୋନା ଯୋଗୁଁ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଦ ରହି ନିକଟରେ ଅକ୍ଟୋବର ୪ ତାରିଖରେ ଖୋଲିଛି ନନ୍ଦନକାନନ । ହେଲେ ଏଠାରେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି । ୨୦୨୦ ମାର୍ଚ୍ଚ ୧୫ ସୁଦ୍ଧା ମୋଟ ୨୬ ଲକ୍ଷ ୫୦ ହଜାର ପର୍ଯ୍ୟଟକ ଏଠାକୁ ଆସିଛନ୍ତି । ଏହାକୁ ଦୃଷ୍ଟିରେ ରଖି ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଏଠାକୁ ଅଧିକ ନୂଆ ନୂଆ ପ୍ରଜାତିର ଜୀବଜନ୍ତୁ ଆଣିବା ଲାଗି ଯୋଜନା କରିଛନ୍ତି । ବର୍ତ୍ତମାନ ଏଠାରେ ୧୫୭ ପ୍ରଜାତିର ପ୍ରାୟ ୩,୬୮୭ ବନ୍ୟ ପଶୁପକ୍ଷୀ, ସରୀସୃପ, ଉଭୟଚର ପ୍ରାଣୀ, ୨୧୨ଟି ଖୁଆଡ଼ରେ ରହିଛନ୍ତି । ଚଳିତ ବର୍ଷ ମଧ୍ୟ ନନ୍ଦନକାନକୁ ମୋଟ ୨୫ ଜୀବଜନ୍ତୁ ବାହାର ରାଜ୍ୟରୁ ଆସିଛନ୍ତି । କେବଳ ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ୬ଟି ସିଂହ ଆସିଥିବା ବେଳେ ଅନ୍ୟ ରାଜ୍ୟରୁ କୋକିଶିଆଳି, ଗଧିଆ ଇତ୍ୟାଦି ଆସିଛନ୍ତି । ଏହାବାଦ ଆସନ୍ତା ବର୍ଷ ଚିତାବାଘ, ଭାଲୁ ଇତ୍ୟାଦି ରାଜସ୍ଥାନର ଯୋଧପୁର ଏବଂ ମିଜୋରାମର ଆଇଜଲରୁ ଆଣିବା ପାଇଁ ବ୍ୟବସ୍ଥା ହୋଇଛି । ସିଙ୍ଗାପୁର ଚିଡ଼ିଆଖାନାରୁ ମଧ୍ୟ ବଡ଼ ଘଡ଼ିଆଳ ଆସିବ । ଏହାଛଡ଼ା ମାଙ୍କଡ଼ର ଅଲଗା ପ୍ରଜାତି ମଧ୍ୟ ଆଣିବୁ ବୋଲି ନନ୍ଦନକାନନ ପାଣୀ ଉଦ୍ୟାନର ନିର୍ଦ୍ଦେଶକ ଶଶୀ ପଲ୍ କହିଛନ୍ତି । ୧୯୬୦ ଡିସେମ୍ବର ୨୯ତାରିଖରେ ମାତ୍ର ୧୧ଟି ବନ୍ୟଜନ୍ତୁକୁ ନେଇ ଏହା ସ୍ଥାପିତ ହୋଇଥିଲା । ଇତିମଧ୍ୟରେ ୧୯୭୯ ମସିହା ଅଗଷ୍ଟ ମାସରେ ଏହାର ପରିସର ୪୦୭୦ ବର୍ଗଫୁଟକୁ ବୃଦ୍ଧି କରାଯାଇ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା । ପରେ ୨୦୧୯ମସିହାରେ ଏହାର ପରିସରକୁ ୨୦୦୬.୨୨ହେକ୍ଟରକୁ ବଢ଼ାଯାଇ ଚନ୍ଦକା ଅଭୟାରଣ୍ୟ ସହ ଯୋଡ଼ାଯାଇଥିଲା । ବର୍ତ୍ତମାନ ଏହାକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବାକୁ ପ୍ରଚେଷ୍ଟା ଚାଲୁରହିଛି । ଏହା ସହିତ ନନ୍ଦନକାନନ ଓ ନ୍ୟୁଜିଲ୍ୟାଣ୍ଡର ଅକଲ୍ୟାଣ୍ଡ ଚିଡ଼ିଆଖାନା ମଧ୍ୟରେ ସହଭାଗିତା ପାଇଁ ପ୍ରୟାସ ଜାରି ରହିଛି । ଆଜିର କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ) ହରିଶଙ୍କର ଉପାଧ୍ୟାୟ ସାମିଲ ହୋଇ କହିଥିଲେ ଯେ ଓୟୁଏଟି ଯଦି ବନ୍ୟପ୍ରାଣୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ପିଜି ପାଠ୍ୟକ୍ରମ ଆରମ୍ଭ କରିପାରିବେ ତେବେ କେବଳ ନନ୍ଦନକାନନ କିମ୍ବା ଓଡ଼ିଶା ନୁହେଁ ଆମେ ପୁରା ଦେଶକୁ ସେହି ତାଲିମପ୍ରାପ୍ତ ସେବା ଦେଇପାରିବା । ଶିକ୍ଷା ହାସଲ ଲାଗି ନନ୍ଦନକାନନ ଭଳି ବଡ଼ ଚିଡ଼ିଆଖାନାର ସୁବିଧା କୌଣସି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କେଉଁଠି ବି ମିଳିବ ନାହିଁ ବୋଲି ସେ କହିଛନ୍ତି । ବିଶେଷକରି ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ର, ଦିଲ୍ଲୀ, ହରିୟାନା, ପଞ୍ଜାବ ଆଦି ୧୫ଟି ରାଜ୍ୟ ଓ ସ୍କୁଲ ପିଲାମାନେ କିପରି ନିଜ ପକେଟ୍‌ମନିରୁ ଖର୍ଚ୍ଚ କରି ୩୦୦ରୁ ଉର୍ଦ୍ଧ୍ୱ ବନ୍ୟଜନ୍ତୁମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି ତାହା ସେ କହିଥିଲେ । ସେହିଭଳି ଗତ ଜାନୁଆରି ୯ ତାରିଖରେ ୨୦ନଂ ଖୁଆଡ଼ରେ ରହୁଥିବା ବାଘୁଣୀ ସ୍ନେହା ୨ଟି ଶାବକଙ୍କୁ ଜନ୍ମ ଦେଇଥିଲା । ସେମାନଙ୍କର ନାମକରଣ କରାଯାଇ ଲବ ଓ କୁଶ ରଖାଯାଇଛି । ଏହି ଅବସରରେ ନନ୍ଦନକାନନ ପରିସରକୁ ବିଭିନ୍ନ ପ୍ରକାର ପୁଷ୍ପଗୁଚ୍ଛ, ପ୍ଲାକାର୍ଡ, ବେଲୁନ ଆଦିରେ ସୁସଜ୍ଜିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବାର୍ଷିକ ପୁସ୍ତକ, କ୍ୟାଲେଣ୍ଡର ଉନ୍ମୋଚନ କରିବା ସହ କରୋନା ମହାମାରୀ ସମୟରେ ବନ୍ୟଜନ୍ତୁଙ୍କ ସେବାଯତ୍ନ କରିଥିବା ନନ୍ଦନକାନନର ୧୫ଜଣ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ ମନ୍ତ୍ରୀ । ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ୨୦ ସମ୍ବର ଓ ୮ ବାଘ ଓ ଜିନ୍ଦଲ ତରଫରୁ ୨୭ ବାଘଙ୍କୁ ମଧ୍ୟ ବର୍ଷକ ପାଇଁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିଲା । ସ୍ୱଳ୍ପ ଅତିଥିଙ୍କୁ ନେଇ ଅନୁଷ୍ଠିତ ଏହି ଉତ୍ସବରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ମୋନା ଶର୍ମା, ଷ୍ଟେଟ୍‌ବ୍ୟାଙ୍କ ମହାପ୍ରବନ୍ଧକ ରୋପ ଦେ, ଜିନ୍ଦଲ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ରାକେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ସୁଖ ପାଖରେ ଜ୍ଞାନ
ନଥାଏ । ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୪ - ୧୦ ଜାନୁଆରୀ, ୨୦୨୧

# ସମ୍ଭାବନାର ବର୍ଷ ହେଉ

**ନୂ**ଆବର୍ଷ ଆରମ୍ଭରୁ ମହାମାରୀ କରୋନା ବିରୋଧରେ ଲଢ଼ିବାକୁ ଦେଶକୁ ପ୍ରଥମେ ସ୍ୱଦେଶୀ କରୋନା ଟିକା ମିଳିବା ନିଶ୍ଚୟ ଏକ ଆଶ୍ୱସ୍ତିକର ଖବର। କୋଭିସିଲଡ ପରେ କୋଭାକ୍ସିନକୁ ମଞ୍ଜୁରୀ ମିଳିଛି। ଭାରତ ବାୟୋଟେକ ଏବଂ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର)ର ମିଳିତ ପ୍ରୟାସରେ ପ୍ରସ୍ତୁତ ହୋଇଥିବା କୋଭିଡ୍ ଟିକା କୋଭାକ୍ସିନର ଜରୁରୀକାଳୀନ ବ୍ୟବହାର ପାଇଁ ବିଶେଷଜ୍ଞ ଟିମ୍ ମଞ୍ଜୁରୀ ଦେଇଛନ୍ତି। ଏବେ ଭାରତରେ କୋଭିଡ ଟିକାର ଡ୍ରାଏ ରନ ହୋଇଛି। ପ୍ରକୃତ ଟକାକରଣ ପୂର୍ବରୁ ଏହା ଏକ ଡମି କାର୍ଯ୍ୟକ୍ରମ। ଏଥିରେ ଆଗକୁ ଆସୁଥିବା ବିଭିନ୍ନ ଚ୍ୟାଲେଞ୍ଜ ଗୁଡିକୁ ଚିହ୍ନଟ କରାଯାଇପାରିବ। ପ୍ରଥମଥର ପାଇଁ ଭାରତ ସଫଳତାର ସହ ନୂଆ ଭୂତାଣୁକୁ ପୃଥକ କରିବାରେ ସଫଳ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଲୋକଙ୍କ ଟିକାକରଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ ବୋଲି ଜଣାପଡିଛି। ଭାରତ ଏକମାତ୍ର ରାଷ୍ଟ୍ର ଯେଉଁଠି କରୋନା ବିରୋଧରେ ୪ଟି ଟିକା ପ୍ରାୟ ପ୍ରସ୍ତୁତ ହୋଇସାରିଛି। ଭାରତ ପ୍ରସ୍ତୁତ ୪ଗୋଟି ଟିକା ମଧ୍ୟରୁ ଦୁଇଟିକୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ମିଳିଥିବା ବେଳେ ଆଗକୁ ଆଉ ଦୁଇଟି ଟିକାକୁ ଅନୁମତି ମିଳିବ। ତେଣୁ ଦୀର୍ଘ ଏକବର୍ଷ ହେବ କରୋନାକୁ ନେଇ ଯେଉଁ ଆଶଙ୍କା ଓ ଭୟ ଦେଖାଦେଇଥିଲା ଏଥିରୁ ନିସ୍ତାର ମିଳିବାର ଆଶା ପ୍ରାୟ ଉଜ୍ଜ୍ୱଳ। ଏହାରି ମଧ୍ୟରେ ଗତ ୯ମାସ ଧରି ସ୍କୁଲ ବନ୍ଦ ରହିଥିଲା ବେଳେ ଜାନୁଆରୀ ୮ରୁ ବିଦ୍ୟାଳୟ ଖୋଲିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲା ସ୍କୁଲ ଯିବେ। ୧୦୦ଦିନ ପାଠପଢ଼ା ହେବ ଏବଂ ଶନିବାର ଓ ରବିବାର ସ୍କୁଲ ଖୋଲା ରହିବ। ଉଭୟ ଅନଲାଇନ ଓ ଅଫଲାଇନରେ ବି ପାଠପଢ଼ା ହେବ। ମାଟ୍ରିକ ପରୀକ୍ଷା ମେ' ୩ରୁ ଓ ମେ ୧୫ରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବାର ନିଷ୍ପତ୍ତି ମଧ୍ୟ ନିଆଯାଇଛି। ନୂଆବର୍ଷରେ ଆଉ ଏକ ଖୁସି ଖବର ହେଉଛି ଯେ, ଆଇଆଇଏମ୍ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବର୍ଷ ଆରମ୍ଭରୁ ରାଜ୍ୟ ରାଜନୀତି ଓବିସି ସଂରକ୍ଷଣରୁ ଆରମ୍ଭ ହୋଇଥିଲା ବେଳେ ଧର୍ମେନ୍ଦ୍ର-ଅପରାଜିତା ବିବାଦ କିଛିମାତ୍ରାରେ ଦୂର ହୋଇଛି। ଓବିସି ସଂରକ୍ଷଣକୁ ନେଇ ଏବେ ବିଜେଡି-ବିଜେପି ମୁହାଁମୁହିଁ। ଆସନ୍ତା ନିର୍ବାଚନରେ ଏହି ପ୍ରସଙ୍ଗକୁ ମୁଖ୍ୟ ଆୟୁଧ କରିପାରେ ରାଜ୍ୟ ବିଜେପି ବୋଲି ଜଣାପଡିଛି। ଓବିସିଙ୍କୁ ୨୭% ସଂରକ୍ଷଣ ଦିଆଯାଉ ବୋଲି ଦାବି କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଦେଶର ଅନେକ ରାଜ୍ୟରେ ଜାତିଭିତିକ ରାଜନୀତି ହେଉଥିଲା ବେଳେ ଧର୍ମେନ୍ଦ୍ରଙ୍କ ଓବିସି ସଂରକ୍ଷଣ ଦାବି ଓଡ଼ିଶା ରାଜନୀତିରେ ଜାତିଭିତିକ ରାଜନୀତିର ମୂଳଦୁଆ ପକାଇବାର ସମ୍ଭାବନା ଦେଖାଦେଲାଣି। କାରଣ ମହିଳା ସଂରକ୍ଷଣ ନେଇ ପୂର୍ବରୁ ବିଜେଡି ଉଭା ହୋଇଥିଲା ବେଳେ ବିଜେପି ନୂଆ ପ୍ରସଙ୍ଗର ଆବଶ୍ୟକତା ରହିଛି। ତେଣୁ ଧର୍ମେନ୍ଦ୍ର ବିଜେଡିକୁ ସାମ୍ନା କରି ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଏବଂ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସଇବିସି)ଙ୍କୁ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦିଆଯିବାକୁ ଗୁରୁତ୍ୱ ଦେଇଛନ୍ତି। ସାମ୍ପ୍ରତିକ ସମୟରେ କୋଭିଡ ନିୟମ ପାଳନ ଓ ରାଜ୍ୟ ରାଜନୀତିର ନୂଆ ଦୃଶ୍ୟପଟ୍ଟ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। କାରଣ ନୂଆ ମୁଖ୍ୟ ସଚିବ, ଉନ୍ନୟନ କମିଶନର କାର୍ଯ୍ୟରେ ଯୋଗ ଦେଇଛନ୍ତି। ବିଦାୟୀ ମୁଖ୍ୟ ସଚିବ ଅସିତ ତ୍ରିପାଠୀଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଦାୟିତ୍ୱ ସହ ତୃତୀୟମହଲା ପରାମର୍ଶ ଦାୟିତ୍ୱ ବି ମିଳିଛି। ତେଣୁ ଡବ୍ଲ୍ୟୁଓଡିପିର ଆଗାମୀ କାର୍ଯ୍ୟକ୍ରମ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଏ। କାରଣ ଶ୍ରୀ ତ୍ରିପାଠୀ ମୁଖ୍ୟ ସଚିବ ରହିବା ସହ ପଶ୍ଚିମ ଓଡ଼ିଶା ବିକାଶର ଶୁଭ ଚିନ୍ତକ। ତେଣୁ ତାଙ୍କ ସମୟରେ ପରିଷଦ ସବୁ ଦୃଷ୍ଟିକୋଣରୁ ଲାଭବାନ ହୋଇପାରିବ। ତେବେ ଡବ୍ଲ୍ୟୁଓଡିପିରେ ଏକ ସ୍ୱତନ୍ତ୍ର ଇଂଜିନିୟରିଂ ବିଭାଗ ରହିପାରିଲେ ବିକାଶ ମୂଳକ କାର୍ଯ୍ୟ ଦ୍ରୁତ ଓ ଉନ୍ନତ ହେବାର ବିଶ୍ୱାସ କରାଯାଏ। ଏଥିପାଇଁ ମିଳୁଥିବା ଆର୍ଥିକ ଅନୁଦାନର ସୁବିନିଯୋଗ ଉପରେ ଶ୍ରୀ ତ୍ରିପାଠୀ ଅଧିକ ଧ୍ୟାନ ଦେଇପାରିବା ଆଶା ରହିଥିଲେ ବି କେତେକଙ୍କ ମତରେ ସେ ଆଗାମୀ ଦିନରେ ବିଜେଡି ରାଜନୀତି ସହ ଅଧିକ ସଂଶ୍ଳିଷ୍ଟ ରହିବେ ବୋଲି ମଧ୍ୟ ଚର୍ଚ୍ଚା ହୁଏ। ତେବେ ସେ ଯାହାହେଉ ଆଗାମୀ ଦିନରେ ବିଜେପିକୁ ଯକ୍କର ଦେବାକୁ ବିଜେଡି ଏବେଠୁ ତତ୍ପରତା ଦେଖାଇବା ଭଳି ମନେହେଉଛି। ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସଚିବ ଭାବେ ଭିନିଲ କ୍ରିଷ୍ଣଙ୍କୁ ଦାୟିତ୍ୱ ମିଳିଛି। ୨୦୨୦ରେ ମହାମାରୀ କରୋନାକୁ ନେଇ ଲୋକ ଚିନ୍ତିତ ଥିଲାବେଳେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରି ଲୋକପ୍ରିୟତା ବଢ଼ାଇ ଚାଲିଥିଲେ। ଯେଉଁଥିପାଇଁ ଜଣେ ଶ୍ରେଷ୍ଠ ସାଂସଦ ଭାବେ ସେ ମର୍ଯ୍ୟାଦା ହାସଲ କରିପାରିଛନ୍ତି। କେବଳ ନିଜ ସଂସଦୀୟ କ୍ଷେତ୍ର ନୁହେଁ, ଅପରାଜିତା ସମଗ୍ର ରାଜ୍ୟରେ ପ୍ରଭାବ ବିସ୍ତାର ଓ ବିଜେପିକୁ ମଜବୁତ କରିବା ଦିଗରେ କାର୍ଯ୍ୟରେ ବ୍ୟସ୍ତ ରହିବା ହିଁ ଦଳ ପାଇଁ ଶୁଭ ସୂଚନା। ମାତ୍ର କେତେକଙ୍କ କହିବାର କଥା ହେଉଛି, ସେ ଦଳୀୟ ଅଫିସ ଅପେକ୍ଷା ନିଜର କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଜାରି ରଖିବା ପଛରେ କିଛି କାରଣ ବି ରହିଛି। ନୂଆବର୍ଷରେ ଆଉ ଏକ ଭଲ ଖବର ଲୋକଙ୍କୁ ଆଶ୍ୱସ୍ତି ଆଣିଦେଇଛି। ରାଜ୍ୟର ସବୁଠୁ ବଡ ହଟସ୍ପଟ ଅଞ୍ଚଳ ଭାବେ ଥିବା ଭୁବନେଶ୍ୱରରେ ଏବେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ଯାହା ଜଣାପଡୁଛି ଆଗାମୀ ମାସେ, ଦେଢ଼ମାସ ମଧ୍ୟରେ ରାଜଧାନୀ କରୋନାମୁକ୍ତ ହୋଇଯିବ। ନୂଆବର୍ଷରେ ଏଭଳି ଅନେକ ସମ୍ଭାବନା ଲୋକଙ୍କ ମନରେ ଦେଖାଦେଇଛି। ଶିକ୍ଷିତ ବେକାରଙ୍କୁ ନିଯୁକ୍ତି, କୃଷକଙ୍କୁ ସଠିକ ପ୍ରାପ୍ୟ, ଗରିବଙ୍କୁ ଖାଦ୍ୟ, ବସ୍ତ୍ର ଓ ରୋଜଗାର, ପରିବେଶ ପାଇଁ ଅଧିକ ବୃକ୍ଷ ରୋପଣ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ଏବଂ ସହରାଞ୍ଚଳ ପରିମଳ ବ୍ୟବସ୍ଥା ସୁଦୃଢ଼ ହେବାର ଆଶା ମଧ୍ୟ ଦେଖା ଦେଇଛି। ରାଜନୈତିକ ଅଭିସନ୍ଧି ଅପେକ୍ଷା ରାଜ୍ୟବାସୀଙ୍କ ପ୍ରକୃତ ବିକାଶ ଦିଗରେ ପ୍ରତ୍ୟେକ ରାଜନୈତିକ ଦଳର ନେତୃବୃନ୍ଦ ମିଳିତ ଭାବେ ଅଣ୍ଟା ଭିଡିଲେ ଆମ ରାଜ୍ୟ ଏକ ଶ୍ରେଷ୍ଠ ଓ ବିକଶିତ ରାଜ୍ୟର ମାନ୍ୟତା ଲାଭ କରିପାରିବ। ଯଦିଓ ରାଜ୍ୟ ସରକାରଙ୍କ ନିକଟରେ ଏହାର ନକ୍ସା ରହିଛି ତଥାପି ଆବଶ୍ୟକ ପରିସ୍ଥିତିରେ ସରକାରଙ୍କ ସହିତ ସହମତ ରହି କାର୍ଯ୍ୟକ୍ରମକୁ ଆଗେଇ ନେବାର ଦାୟିତ୍ୱ ସମସ୍ତଙ୍କର। ତେଣୁ ମିଳିତ ପ୍ରୟାସ ନହେଲେ କୌଣସି କାର୍ଯ୍ୟ ଠିକ୍ ସମୟରେ ବା ସୁଚାରୁରୂପେ ସମ୍ପାଦନ ହୋଇପାରେନାହିଁ। ଜୋର ଯାର ମୁଲକ ତାର ନ୍ୟାୟ ଅପେକ୍ଷା ସମସ୍ତଙ୍କୁ ସମାନ ଭାବେ ବିବେଚନା କରି ଯୋଗ୍ୟତା ଅନୁସାରେ କାର୍ଯ୍ୟ ନିର୍ଦ୍ଧାରଣ କରିବା ହେଉଛି ସବୁଠୁ ବଡ କଥା। ଯୋଗ୍ୟ ବ୍ୟକ୍ତିଙ୍କ ହାତରେ ଉପଯୁକ୍ତ କାର୍ଯ୍ୟ ପ୍ରଦାନ କରାଗଲେ ଏହାର ସଫଳତାହାର ନିଶ୍ଚୟ ଅଧିକ ରହିବ। ତେଣୁ ନୂଆବର୍ଷ ଏଭଳି ଏକ ସଫଳତାର ବର୍ଷ ହେଉ ଯେଉଁଠି ସମସ୍ତେ ନିଜ ନିଜର ପ୍ରାପ୍ୟକୁ ନେଇ ଖୁସି ରହିବେ ଏବଂ ରାଜ୍ୟ ବିକାଶରେ ସହଭାଗୀ ହୋଇପାରିବେ।

ସମ୍ପାଦକୀୟ
ତାରକ ମହାନ୍ତି



**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୁଁ ଜଣେ କ୍ଷୁଦ୍ର ଚାଷୀ କହୁଛି !

## ପଙ୍କଜ କୁମାର ପାଣିଗ୍ରାହୀ

ଅଦୃଶ୍ୟ ଫୁଲର ବରଣମାଳାକୁ ବାକ୍ୟରେ ପିନ୍ଧାଇ

ଅନ୍ନଦାତାର ସମ୍ମାନରେ ସଂଭୁଷିତ ସାମାଜିକ ସମ୍ମାନ,

ସାମୁହିକ ମୁଖବାର୍ତ୍ତାରେ ଛାତି ମୋର କୁଣ୍ଢେ ମୋଟ !

ହେଲେ ମୋ ସନ୍ତପ୍ତ ପରିବାରର ବାସ୍ତବତା କ'ଣ...?!!

ଚାଷ କରେ ଯିଏରେ, ଅନ୍ନ ମୁଠେ ଦିଏରେ, ତାହାଠାରୁ ଦୁନିଆରେ ବଡ ଆଉ କିଏରେ ? କେବଳ ବାକ୍ୟର ପବନ ମଧ୍ୟରେ ସୀମିତ ଏହି ଢ଼ଗଟି ଯେତିକି ଶ୍ରୁତି ମଧୁର ସେତିକି କାର୍ଯ୍ୟକ୍ଷମ ନୁହେଁ ଆଜିର ଏହି ପ୍ରତାରଣାପୂର୍ଣ୍ଣ ସ୍ୱାର୍ଥବାଦୀ ସମାଜରେ! ଏହା ମୁଁ କେବଳ କହୁନାହିଁ, ବରଂ ସମସ୍ତେ ଅଳ୍ପ ବହୁତେ ବୁଝିଛନ୍ତି । ମାନବିକ ଚେତନା ବିହୀନ ମଣିଷ ଚାଷ ଆଉ ଚାଷୀର ମହତ୍ୱ ବୁଝିବା ବିପରୀତେ ଚାଷୀଙ୍କୁ ନିଷ୍ପେସିତ କରି ନିଜସ୍ୱ ସ୍ୱାର୍ଥରେ କାର୍ଯ୍ୟ କରିବା ସମାଜ ପାଇଁ କେତେ ମଙ୍ଗଳ ଦାୟକ ସାଧାରଣ ଲୋକେ ବୁଝିବା ଆବଶ୍ୟକ। ନବୁଝିଲେ ଯେ କେବଳ ଚାଷୀକୁଳ ହନ୍ତସନ୍ତ ହେବେ, ଭାବିବା ଭୁଲ, ବରଂ ସମଗ୍ର ମଣିଷ ସମାଜ ତାହାର ପ୍ରଭାବରେ ପୀଡିତ ହେବେ ସେଇଥିରେ ତିଳେହେଲେ ଦ୍ୱିଧା ନାହିଁ । ସାଧାରଣ ଲୋକଙ୍କ ସମର୍ଥନ ଚାଷୀଙ୍କ ଉଦେଶ୍ୟରେ ନରହିଲେ ସାମାଜିକ ପରିସ୍ଥିତି ଯାହାହେବ ସେଇଥିପାଇଁ ସମସ୍ତେ ଦାୟୀ ରହିବେ। ଆଜି ସମୟରେ ସମସ୍ତେ କେବଳ ମିଥ୍ୟା ନାରା ଦେଇ ନିଜାସ୍ୱ ସ୍ୱାର୍ଥ ହାସଲ କରିବା ଛଡା ବାସ୍ତବତାକୁ ଅନୁଭବ କରିବା ସ୍ୱପ୍ନ। ତଥାପି ଚାଷୀକୁଳ ଅହରହ କାର୍ଯ୍ୟରତ, କିନ୍ତୁ ଭବିଷ୍ୟତ ଅନିଶ୍ଚିତ!

ପୁରୁଷାନୁକ୍ରମିକ ଚାଷ କାର୍ଯ୍ୟରେ ଅଭିଷିକ୍ତ ମୋ ପରିବାରର ସଦସ୍ୟ ସମେତ ମୁଁ ନିଜେ ଶିକ୍ଷାକ୍ଷେତ୍ରର ଦ୍ୱାରଦେଶରୁ ବଂଚିତ ଉପସ୍ଥିତ ଯୌବନରେ ଯେ ସବୁବେଳେ ସବୁ କ୍ଷେତ୍ରରେ, କଥାରେ ମୋତେ କାହାଉପରେ ନିର୍ଭର କରି ସମାଜରେ ବଂଚିବାକୁ ପଡୁଥାଏ ଏହିକଥାରେ ଦ୍ୱିମତ ନାହିଁ । ଯେକୌଣସି ସାମାଜିକ ସ୍ତରରେ ଶିକ୍ଷା, ଜ୍ଞାନ ଅଭାବ ହେତୁ କାହା କଥାରେ ମୁଣ୍ଡ ନୁଆଇଁ କାର୍ଯ୍ୟଧାରା ସମାପନ କରିବାକୁ ପଡିଥାଏ ଅନ୍ଧ ଭଳି । ଅଜ୍ଞାନତାର ସୁଯୋଗ ନେଇ ପ୍ରାୟତଃ ଅନେକ କ୍ଷେତ୍ରରେ ପ୍ରତାରଣା, ଠକାମୀର ଶିକାର ହୋଇ ମୋ ପରିବାର ସଦା ସନ୍ତପ୍ତ ଅବସ୍ଥାରେ ରହିଥା'ନ୍ତି, ଏକଥା ସମସ୍ତେ ବୁଝି ମଧ୍ୟ ଅବୁଝାର ଅଭିନୟ କରିଥା'ନ୍ତି । ବ୍ୟାଙ୍କ ଠାରୁ କୃଷିଋଣ ହେଉ କିମ୍ବା ସାର, କୀଟନାଶକ ବିକ୍ରେତା ଅଥବା ଖାଦ୍ୟ, ଶସ୍ୟ ବ୍ୟବସାୟୀ, ସମସ୍ତେ ଗୋଟିଏ ଲକ୍ଷ୍ୟରେ ରହିଥା'ନ୍ତି ସମୟ ଦେଖି ମୋ ଅଜ୍ଞାନତାର ସୁଯୋଗ ନେଇ ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବା ପାଇଁ । ଜମିକୁ ଜଳସେଚନ ହେଉକି ଫସଲ ସୁରକ୍ଷା କିମ୍ବା ବୀମା ସୁବିଧା ସାଙ୍ଗକୁ ବଜାରରେ ଉପଯୁକ୍ତ ମୂଲ୍ୟାଙ୍କନ କରି ଆଦାୟ ଫସଲକୁ ବିକ୍ରି କରିବାରେ ସରକାରୀ ସୁବିଧା, ସହାୟତା ଅନ୍ୟୁନ ଶୂନ କହିଲେ ଅତ୍ୟୁକ୍ତି ହେବନାହିଁ। ସରକାରୀ ବ୍ୟବସ୍ଥା ଏବଂ ଚାଷୀଙ୍କ ପାଇଁ ପ୍ରଚ୍ଚର, ପ୍ରସାର ଯେତିକି ହୁଏ ତାହାର ଲାଭ କାହାକୁ ମିଳୁଛି ବୁଝିବା ସାମର୍ଥ୍ୟ ବିହୀନ କ୍ଷୁଦ୍ର ଚାଷୀ ଜଣେ ମୋ ପରିବାର ପେଟ ପୋଷିବା କାରୁଣ୍ୟ ଶୁଣିବା ଦୂରର କଥା ଯେତିକି ଘୃଣ୍ୟ ଆମ ସ୍ଥାନ ସମାଜରେ ସେସବୁ ପ୍ରକାଶ ନକରିବା ଭଲ। ସରକାରୀ ବାବୁଙ୍କ ଭାବନାରେ ପରିଚ୍ଚଳିତ ଆମ ପାଇଁ ବ୍ୟବସ୍ଥା ଯାହା, କପାଳରେ ଥିଲେ ଦୁଇ ପଇସା ପାଇବୁ ନହେଲେ ବାରଦ୍ୱାର ହୋଇ ଆମ ଜୀବନ ଯନ୍ତ୍ରଣା ଶୁଣିବାକୁ କାହାର ଆଗ୍ରହ ନାହିଁ । ସମସ୍ତଙ୍କ ପାଇଁ ବାକ୍ୟରେ କିନ୍ତୁ ପ୍ରକାଶ୍ୟ ମନ୍ତବ୍ୟ ହୋଇଥାଏ ଯେ ଚାଷୀ ଅତି ମହାନ୍! କିନ୍ତୁ କାର୍ଯ୍ୟଧାରା ତାହାର ବିପରୀତ।

ଦିନରାତି ଏକ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତରେ ପରିଶ୍ରମ କରିବା ସାଙ୍ଗକୁ ସମସ୍ତ ଖର୍ଚ୍ଚ ନିଜସ୍ୱ ଜିମାରେ କରି ଉତ୍ତମ ଫସଲ ଆଦାୟ କରିବାପରେ ସେଇଥିରେ ଭାଗିଦାରୀତା ରହିଥାଏ ସମସ୍ତଙ୍କର। ଆମର ଆଦାୟକୁ ଭୋଜନ କରି ବଡ଼ ବଡ଼ କଥାକହି ଆମକୁ ନିଷ୍ପେସିତ କରି ରଖିବାରେ କାହାର ହେଲେ ଟିକେ କରୁଣା ନଥାଏ ଆମ ଉପରେ! କୌଣସି କାରଣରୁ ଫସଲ ନଷ୍ଟ ହୋଇଗଲେ ସମ୍ପୂର୍ଣ୍ଣ ନିଜ ଜିମାରେ ସମସ୍ତ କ୍ଷତି ସହନ କରିବାରେ କୌଣସି ଆଶ୍ୱାସନା ନଥାଏ ନିର୍ଦ୍ଦୟ ସାଧାରଣ ମଣିଷ ସମାଜ ହେଉକି ସରକାରୀ କଳର! କି ବିଚିତ୍ର ଆମ ଏହି ସମାଜ? ଯିଏ ବର୍ଷ ତମାମ ଖଟି ଖଟି ସମଗ୍ର ମଣିଷ ସମାଜକୁ ବ୍ୟଞ୍ଜନ ପ୍ରଦାନ କରିବାରେ ଆନନ୍ଦ ଅନୁଭବ କରୁଥାଏ ତାହାର ସର୍ବନାଶରେ କାହାର ତିଳେହେଲେ ଆହା ପଦଟିଏ ଶୁଣିବାକୁ ମିଳେନାହିଁ, ବରଂ ଆମପ୍ରତି ଯେତିକି ଘୃଣା ସେମାନଙ୍କ ମନରେ କହିଲେ ନସରେ! କୌଣସି କାରଣରୁ ନିଜ ବଂଚିବା ସହିତ ସମାଜ ପାଇଁ ଆଧାର ଯୋଗାଇଦେବା ଲକ୍ଷ ରଖି କାହାକୁ ଅପେକ୍ଷା ନକରି ଅହରହ କାର୍ଯ୍ୟରତ କୃଷକ ଯଦି ଲମ୍ବା ଛୁଟିରେ ରହିଯାଏ ତାହେଲେ ସବୁଲୋକ ଭୋକ ଉପାଷରେ ଷଢ଼ି ମାରିବେ ବୋଲି କାହାର ଅନ୍ଦାଜ ମଧ୍ୟ ହେଉନାହିଁ ଉପସ୍ଥିତ ସମୟରେ, କାରଣ ଆମେ କର୍ତ୍ତବ୍ୟରେ ନିମଗ୍ନ! କିନ୍ତୁ ସମସ୍ତ ଚାଷୀ ଯଦି ହଳ ଲଙ୍ଗଳ ଛାଡି ସେହି ଅପ୍ରାକୃତିକ ଅହଂଭାବାପନ୍ନ କୃତ୍ରିମ ବାବୁଙ୍କ ଭଳି ଚୌକିରେ ବସି ନିର୍ଦ୍ଦେଶ ଦେବା ଆରମ୍ଭ କରିବେ ତାହେଲେ ଏହି ଆଳସ୍ୟରେ ବୁଡି ରହି ବିଳାସ ବ୍ୟସନରେ କାଳାତିପାତ କରୁଥିବା କୃତ୍ରିମ ବାବୁଙ୍କ ଅବସ୍ଥା ଯେ କ'ଣ ହେବ ତାହାର ଅନ୍ଦାଜ ନାହିଁ ସେହି ଅଜ୍ଞାନ ଶିକ୍ଷିତଙ୍କ ମାନସିକତାରେ! ଯେଉଁ ଚାଷୀଙ୍କ ପାଇଁ ପେଟ ଚାଖଣ୍ଡ ପୁରେ ଏବଂ ତାପରେ ସଂସାର ଚାଲେ ତାପାଇଁ ଏତେ ନିର୍ଦ୍ଦୟ ଆମ ସମାଜ କାହିଁକି ମୋ ବୁଝିବା ବାହାରେ! ତଥାପି ମୁଁ ଜଣେ ଚାଷୀ!

ଦେଶ ସ୍ୱାଧୀନ ହେବାପରେ ବିଭିନ୍ନ ସମୟରେ ସରକାର କୃଷି କ୍ଷେତ୍ରରେ ଯାହାସବୁ ଯୋଜନା କରିଆସୁଛନ୍ତି ଆମଦେଶରେ, ସେସବୁ ଯଦି ବାସ୍ତବିକ କାର୍ଯ୍ୟକାରୀ ହୋଇଥା'ନ୍ତା ତାହେଲେ ହୁଏତ ଆମ ଦେଶ ଆଜି ବିଶ୍ୱ ଦରବାରରେ ସବୁଠାରୁ ଧନଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିଥା'ନ୍ତା! କାରଣ ପ୍ରକୃତିରୁ ଆଦାୟ କରାଯାଉଥିବା ପ୍ରାକୃତିକ ଉତ୍ପାଦ ହିଁ ରାଷ୍ଟ୍ରର ବିତ୍ତୀୟ ବିକାଶର ମେରୁଦଣ୍ଡ । କିନ୍ତୁ ସରକାରୀ ଯୋଜନା ବାଟମାରଣା କରି ବାବୁମାନେ ଯେତିକି ସ୍ୱାର୍ଥ ହାସଲ କରନ୍ତି ତାହାର ଦୁଇଗୁଣ କ୍ଷତି ଭରଣା କରିଥା'ନ୍ତି ଚାଷୀକୁଳ! ସେଇଥିପାଇଁ ଆମଦେଶ ଆଜି ସବୁଠାରୁ ଗରିବ। ଏହିକଥାକୁ ତର୍ଜମା କରିବାକୁ କାହାର ଜ୍ଞାନ ନାହିଁ କି ସମୟ ନାହିଁ କାରଣ ସମସ୍ତେ କେବଳ ବ୍ୟକ୍ତିଗତ ସ୍ୱାର୍ଥରେ ଲିପ୍ତ । ସାମୁହିକ ସ୍ୱାର୍ଥ ବିଡମ୍ବନା ସୃଷ୍ଟି କରୁଛି ସାଧାରଣ ମଣିଷ ମନରେ ଯାହାର ପରିବର୍ତ୍ତନ ନହେଲେ ଆମ ଦେଶ ଆସନ୍ତା ପିଢ଼ିକୁ ପିଢ଼ି ଏହିଭଳି ଦୁରାବସ୍ଥାରେ ହିଁ ଗତି କରିବା ଛଡା କେବେହେଲେ ଉନ୍ନତିର ରାସ୍ତା ପାଇପାରିବ ନାହିଁ ବୋଲି ମୋର ବିଚାରରେ ଏକ ମତ ହେବାକୁ ହୁଏତ କାହାର ଆଗ୍ରହ ନଥିବ? କିନ୍ତୁ ଏହା ଧ୍ରୁବ ସତ୍ୟ! ଅଧିକନ୍ତୁ ଚାଷ ଆଉ ଚାଷୀକୁ ସହଯୋଗ ସହାୟତା ଦେବାପାଇଁ ଚିନ୍ତା କରିବା ବିପରୀତେ ତାହାର ଆଦାୟ ଶସ୍ୟକୁ ହେଉ କିମ୍ବା ତାହାର ଜମିକୁ ହଡପ କରିବା ପାଇଁ ଲକ୍ଷ ରଖୁଥିବା ମଣିଷଙ୍କ ଅଭାବ ନାହିଁ ଆମ ସମାଜରେ! ଆଇନକୁ ବେଆଇନ, ବେଆଇନକୁ ଆଇନରେ ପରିଣତ କରିବା ଆମ ସମାଜର ଏକ ଅନିନ୍ଦିତ କଳା ଚାତୁରୀ ଯାହା ସମୟ ସୁଯୋଗ ଦେଖି କ୍ଷମତାସୀନ ବ୍ୟକ୍ତିବିଶେଷ ନିଜ ସ୍ୱାର୍ଥରେ କରିବାରେ କୌଣସି ସାମାଜିକ ପ୍ରତିବନ୍ଧତା ନଥାଏ ଆମ ଦେଶରେ! ଚାଷୀକୁଳର ଅଜ୍ଞାନତା ବିଭିନ୍ନ ସମୟରେ ତାହାର ଶିକାର ହେଉଥିବା ସାର୍ବଜନୀନ ହେଉନଥିବା ହେତୁ ସୀମିତ ପରିଧି ମଧ୍ୟରେ ରହିଥିବା କ୍ଷୁଦ୍ର ଚାଷୀଙ୍କ ଗୁହାରି ଶୁଣିବାକୁ ନଥା'ନ୍ତି କେହି । ଅସାମାଜିକଙ୍କ ବିଷଜ୍ୱାଳାରେ କେତେଯେ ମୋ ଭଳି କ୍ଷୁଦ୍ର ଚାଷୀ କେଉଁ ପରିସ୍ଥିତିରେ କେଉଁଠାରେ କିପରି ବଳୀପଡିଥା'ନ୍ତି ତାହାର ହିସାବ ପାଇପାରୁନାହାନ୍ତି ସାଧାରଣ ସଭ୍ୟସମାଜ। ତଥାପି ଚାଷୀକୁଳ ଏକମୁହାଁ ହୋଇ କାର୍ଯ୍ୟରତ । ମେଳିନାହିଁ କି କଳିନାହିଁ, କେବଳ କର୍ମକୁ ହିଁ ଭଗବାନ ବୋଲି ଆଦରିନେଇ ସାମାଜିକ ସେବାରେ ଲିପ୍ତ ଏହି ଚାଷୀକୁଳଙ୍କ ଦୁଃଖ ବୁଝିବା ବିପରୀତେ ସେମାନଙ୍କୁ ପ୍ରତାରଣାର ଶିକାର କରାଯିବା ଲକ୍ଷ ରଖୁଥିବା ମଣିଷ ଗୁଡିକ ଯେ କେବଳ ନରରାକ୍ଷସର ରୂପ ଦିଆଯିବ ତା ନୁହେଁ ବରଂ ସେମାନେ ଦେଶ ତଥା ଜାତିର କଳଙ୍କ, ଦେଶଦ୍ରୋହୀର ଆଖ୍ୟା ପାଇବା ଯୋଗ୍ୟ ବିବେଚିତ ହେବା ଆବଶ୍ୟକ ବୋଲି ମୋର ବିଚାରଧାରାରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା!

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ.*
*ଦୂରଭାଷ.: ୯୪୩୭୩୨୪୯୧୭*

# ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ ଶାନ୍ତନୁ ମହାପାତ୍ର



## ନାଟ୍ୟସାରଥି ଅଭୟ କୁମାର ଦାସ

ମୟୂରୀ ଗୋ ତୁମ....

ମହ୍ଲାରେ ମେଘ ସାଜିଲି.....

'ମରି ସାରିଛି ମୁଁ, ତେବେ ବି କରୁଛି ବଞ୍ଚିବାର ଅଭିନୟ.... ଏଇ ମୋର ପରିଚୟ....'। ସେଇ ପରିଚୟ ନେଇ ଜୀବନର ନାଟକରେ ଯବନିକା ପକାଇ ଅଭିନୟ ସାରି ବାହୁଡ଼ି ଯାଇଛନ୍ତି। ଯିବା ପୂର୍ବରୁ ମୟୂରୀ ହୋଇ ମହ୍ଲାରେ ମେଘ ସାଥେ ନାଚିଛନ୍ତି। ଚୂନା ଚୂନା ତାରା ଫୁଲେ କୋକିଳ କଣ୍ଠରେ ଶ୍ରାବଣୀକୁ ଡାକିଛନ୍ତି। ଲୁହରେ ବି ଭିଜିଛନ୍ତି। କଣ୍ଢେଇ କଣ୍ଢେଇ ଦେଲା ପରେ, ଅନ୍ତରେ କାନ୍ଦି ବାହାରେ ହସିଛନ୍ତି। କହିଛନ୍ତି ତୁମକୁ ପାରୁନି ତ ଭୁଲି...। ଏବେ ସେ ହସ ଆଉ ସ୍ୱର ନିରବି ଯାଇଛି। ସବୁଦିନ ପାଇଁ ଶାନ୍ତିରେ ଶୋଇ ଯାଇଛନ୍ତି ସ୍ୱର ସମ୍ରାଟ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର। ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର ସହ ହିନ୍ଦୀ, ବଙ୍ଗଳା, ଅହମୀୟା ଓ ତେଲୁଗୁ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶାନ୍ତନୁ। ୧୯୦୦ରୁ ଅଧିକ ଗୀତରେ ସେ ସ୍ୱର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ୫୩ଟି ଫିଚର ଓ ଟେଲି ଫିଲ୍ମ, ୧୦ଟି ଯାତ୍ରା, ୬୦ଟି ଆକାଶବାଣୀ ନାଟକ ଓ ୧୦ଟି ନୃତ୍ୟନାଟିକାରେ ତାଙ୍କର ପ୍ରତିଭା ଦେଖାଇଥିଲେ। ତାଙ୍କ ନିର୍ଦ୍ଦେଶିତ ଲୋକପ୍ରିୟ ଗୀତ ମଧ୍ୟରେ 'ସେଇ ଚୂନା ଚୂନା', 'ମୟୂରୀ ଗୋ', 'ମୁଁ ତ ଥିଲି ଏକୁଟିଆ', 'ଏଇ ଜୀବନଟା ଏକ ନାଟକ', 'ଆଗୋ ଚନ୍ଦ୍ରିକା' ଓ 'ନୂପୁର ବଜାଏ କିଏ' ଆଦି ଅନ୍ୟତମ। ଶତାଧିକ ଆଧୁନିକ ଓଡ଼ିଆ ଗୀତର ସେ ସ୍ୱର ସଂଯୋଜନା କରିଥିଲେ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶିତ ବଙ୍ଗଳା କଳାତ୍ମକ ଫିଲ୍ମ 'ମହାପୃଥିବୀ' ପାଇଁ ସେ ଜାତୀୟ ପୁରସ୍କାର ପାଇଥିଲେ। କଳାତ୍ମକ ହିନ୍ଦୀ ଚଳଚ୍ଚିତ୍ର 'ସୋଧ'ରେ ମଧ୍ୟ ସେ ସ୍ୱର ସଂଯୋଜନା କରିଥିଲେ ଏବଂ ୧୯୭୯ରେ ଏହି ଚଳଚ୍ଚିତ୍ର 'ସ୍ୱର୍ଣ୍ଣକମଳ ପୁରସ୍କାର' ପାଇଥିଲା। ଓଡ଼ିଶାରୁ ପ୍ରଯୋଜିତ ଏହା ପ୍ରଥମ ରଙ୍ଗିନ ହିନ୍ଦୀ ଚଳଚ୍ଚିତ୍ର ଥିଲା। ଶାନ୍ତନୁଙ୍କ ସଙ୍ଗୀତ ନିର୍ଦ୍ଦେଶିତ ଶେଷ ଚଳଚ୍ଚିତ୍ର ଥିଲା ୨୦୧୧ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ତୁମେ ହିଁ ସାଥୀ ମୋର'।

ଶାନ୍ତନୁ ମହାପାତ୍ର ଓଡ଼ିଆ ସିନେମା ସଙ୍ଗୀତ ଜଗତର ଜଣେ ଟ୍ରେଣ୍ଡ ସେଟର୍ ଥିଲେ। ସର୍ବଦା ସଙ୍ଗୀତ ସାଧନାରେ ଲିପ୍ତ ରହୁଥିବା ଶାନ୍ତନୁ ଯେତେବେଳେ ସମୟ ପାଉଥିଲେ ନିଜର ହାରମୋନିୟମ ଧରି ସ୍ୱର ସଂଯୋଜନା କରୁଥିଲେ। ବଲିଉଡର କିମ୍ବଦନ୍ତୀ କଣ୍ଠଶିଳ୍ପୀ ମହମ୍ମଦ ରଫିଙ୍କ ଠାରୁ ଆରମ୍ଭ କରି ଲତା ମଙ୍ଗେସ୍କର, ଉଷା ମଙ୍ଗେସକର, ମାନ୍ନା ଦେ, ସୁରେଶ ୱାଡ୍‌କର, ଅନୁରାଧା ପୋଡୱାଲ, ଉଷା ଉଥୁପ, କବିତା କ୍ରିଷ୍ଣାମୂର୍ତ୍ତିଙ୍କ ପର୍ଯ୍ୟନ୍ତ ଅନେକ କଣ୍ଠଶିଳ୍ପୀଙ୍କୁ ଆଣି ଓଡ଼ିଆ ଫିଲ୍ମରେ କଣ୍ଠଦାନ କରାଇବାରେ ସେ ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଥିଲେ। ସେହିଭଳି ବିଭିନ୍ନ ଭାଷାରେ ସଙ୍ଗୀତ ନିର୍ଦ୍ଦେଶନା ଦେବାରେ ଶାନ୍ତନୁ ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଥିଲେ। 'ଚିଲିକା ତୀରେ', 'ପ୍ରିୟତମା', 'ଅଗ୍ନି ପରୀକ୍ଷା', 'ମେଘମୁକ୍ତି', 'ଶୀତ ରାତି', 'ଜୀବନ ସଂଗ୍ରାମ' ପାଇଁ ତାଙ୍କୁ ଜାତୀୟ ପୁରସ୍କାର ମିଳିଥିଲା। ଓଡ଼ିଆ ସଙ୍ଗୀତର ବର୍ତ୍ତମାନ ଧାରାକୁ ନେଇ ଖୁସି ନ ଥିଲେ ଶାନ୍ତନୁ। ଆଧୁନିକ ଗୀତରେ ମୌଳିକତା ପରିବର୍ତ୍ତନକୁ ସେ ଘୋର ବିରୋଧ କରୁଥିଲେ। ଓଡ଼ିଆ ଗୀତରେ ବ୍ୟାକରଣ ଶୁଦ୍ଧି ସହ ଭଦ୍ରତା ରଖିବାକୁ ସେ ବାରମ୍ବାର କହୁଥିଲେ। ଲୋକଙ୍କ ହୃଦୟସ୍ପର୍ଶୀ ଗୀତ ତିଆରି କରିବାକୁ ସେ ସଙ୍ଗୀତଜ୍ଞମାନଙ୍କୁ ପରାମର୍ଶ ଦେଉଥିଲେ। ସେହିଭଳି ମୌଳିକତା ନ ରହିବା ପଛରେ ସେ ସରକାରଙ୍କୁ ଦାୟୀ କରିଥିଲେ। ଆମର ସବୁ କାର୍ଯ୍ୟ ପାଇଁ ନୀତି ଅଛି। ମାତ୍ର ଯେଉଁ ସଂସ୍କୃତିକୁ ନେଇ ଆମେ ଗର୍ବ କରୁ, ତାହାର ସୁରକ୍ଷା ଓ ଠିକ୍ ପରିଚାଳନା ପାଇଁ କୌଣସି ନୀତି ନାହିଁ। ଯେତେଦିଏ ଯାଏ ନୀତି ନ ରହିବ, ସେତେ ଦିନ ଯାଏ ନକଲ ଧାରା ଚାଲିବ। ମହାରାଷ୍ଟ୍ର ଓ ଗୁଜୁରାଟରେ ସ୍ୱତନ୍ତ୍ର ସଙ୍ଗୀତ ନୀତି ରହିଛି। ଓଡ଼ିଶାରେ କାହିଁକି ହେବନି ବୋଲି ସେ ପ୍ରଶ୍ନ କରିଥିଲେ। ସଙ୍ଗୀତ ନାଟକ ଏକାଡ଼େମୀର ଅଧ୍ୟକ୍ଷ ଥିବାବେଳେ ସେ ସଂସ୍କୃତି ନୀତି ପାଇଁ ପ୍ରସ୍ତାବ ଦେଇଥିଲେ। ୧୯୬୩ର ଘଟଣା। 'ଖଟି' କରୁ କରୁ ହିଁ ମିଳିଯାଇଥିଲା 'ସୂର୍ଯ୍ୟମୁଖୀ'। ସେତେବେଳକୁ ଶାନ୍ତନୁଙ୍କୁ ୨୩-୨୪ ବର୍ଷ। ସେ ଏବଂ ଗୁରୁକୃଷ୍ଣ, ସିକନ୍ଦର, ପ୍ରଣବ, ଅକ୍ଷୟ ପ୍ରମୁଖ ଗୁରୁକୃଷ୍ଣଙ୍କ ଘରେ ପ୍ରତିଦିନ ଖଟି କରନ୍ତି। ସେଇଠି ଗୀତ ଲେଖା ହୁଏ। ସୁର ବି କରାହୁଏ। ସେଠି ଦିନେ ଆସି ପହଞ୍ଚିଲେ ସୌମେନ୍ଦ୍ର ମିଶ୍ର। ସେ ସେତେବେଳେ 'ସୂର୍ଯ୍ୟମୁଖୀ'ର ଯୋଜନା କରୁଥାନ୍ତି। ସୌଭାଗ୍ୟକୁ ସୁଯୋଗଟି ଶାନ୍ତନୁଙ୍କୁ ମିଳିଥିଲା। ସେଥିପାଇଁ ସେ ସବୁବେଳେ କହୁଥିଲେ 'ସୂର୍ଯ୍ୟମୁଖୀ' ଖଟିରୁ ମିଳିଥିଲା। ବଲିଉଡର କିମ୍ବଦନ୍ତୀ ଗାୟକ ମହମ୍ମଦ ରଫି। ତାଙ୍କୁ ଶାନ୍ତନୁ ଯେତିକି ଭଲ ପାଆନ୍ତି ତା ଠାରୁ ଢ଼େର ଅଧିକ ଭଲ ପାଉଥିଲେ ପ୍ରଣବ ପଟ୍ଟନାୟକଙ୍କୁ। ରଫିଙ୍କ ପରେ ଶାନ୍ତନୁଙ୍କ ପସନ୍ଦ ପ୍ରଣବ। ତାଙ୍କ ଦୃଷ୍ଟିରେ ପ୍ରଣବ ଥିଲେ ଦି ଗୋଲଡେନ୍ ଭଏସ୍ ଅଫ ଓଡ଼ିଶା। ଏହି କଥା ଶାନ୍ତନୁ ସାକ୍ଷାତକାରରେ କହିଥିଲେ। ଶାନ୍ତନୁଙ୍କ ସ୍ୱପ୍ନ ଥିଲା ଗୋଟିଏ ମ୍ୟୁଜିକାଲ ସିନେମା ନିର୍ମାଣ କରିବାକୁ। ଯେଉଁଥିରେ ସେ ପ୍ରଚଳିତ ପ୍ରଥାରୁ ଅଲଗା କରି କିଛି ଦେଖାଇଥାନ୍ତେ। କାରଣ ସଫଳ ସଙ୍ଗୀତ ନିର୍ଦ୍ଦେଶକ ହେବାକୁ ହେଲେ ଜଣକୁ ସ୍ୱର ସାଧକ ହେବାକୁ ପଡ଼ିବ। ପରୀକ୍ଷା ନିରୀକ୍ଷା ଚାଲୁ ରଖିବାକୁ ପଡ଼ିବ ବୋଲି ସେ କହୁଥିଲେ। ଏହି ସହିତ ବାପାଙ୍କ ଅଧୁରା କାର୍ଯ୍ୟକୁ ପୁରା କରିବାକୁ ଛଉ ନୃତ୍ୟ ଉପରେ କିଛି କାର୍ଯ୍ୟ କରୁଥିଲେ। ରୋମାଣ୍ଟିକ ଗୀତ ତୁଳନାରେ ସଂଖ୍ୟାଧିକ ବିରହ, ଦରଦୀ ଗୀତ କରିଛନ୍ତି। ସେ ସହଜରେ ଆଉ ଅଳ୍ପ ସମୟ ମଧ୍ୟରେ ବିରହ ସଙ୍ଗୀତଟିଏ ପ୍ରସ୍ତୁତ କରିଦେଇପାରୁଥିଲେ। ତାର କାରଣ ତାଙ୍କ ଜୀବନ ବହୁ ଘାତ ପ୍ରତିଘାତ ଦେଇ ଗତି କରିଥିଲା। ଯନ୍ତ୍ରଣାକୁ ଖୁବ ପାଖରୁ ଦେଖିଥିଲେ। ଲ୍ୟୁକୋମିଆରେ ଭାଇଙ୍କ ଦେହାନ୍ତ ଭଳି ଜୀବନ କାଳରେ ଘଟିଥିବା ଅନେକ ଘଟଣାକୁ ସେ ଏଥିପାଇଁ ଦାୟୀ କରନ୍ତି। ଏହି କାଳଜୟୀ ଅନନ୍ୟ ସ୍ରଷ୍ଟାଙ୍କୁ ହୃଦୟ ଭିତରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

*ଗୋତରା, ମାହାଙ୍ଗା, କଟକ*
*ଦୂରଭାଷ : ୯୪୩୭୧୪୨୭୧୭*

## ନାତିମାନିତା :-

*(ପୂର୍ବପ୍ରକାଶ ଉତ୍ତାରୁ)*

କିଛି ଲୋକ କୁହନ୍ତି ମୋର ସମ୍ମାନ ପାଇବାର ଇଚ୍ଛାନାହିଁ ମାତ୍ର କେହି ଯଦି ସମ୍ମାନ କରେ ତେବେ ଖୁସିରେ ଗଦଗଦ ହୋଇଯାଆନ୍ତି। ଯଦି ମୋର ସମ୍ମାନ ପାଇବାରେ ଇଚ୍ଛାନାହିଁ ତେବେ ସମ୍ମାନ ପାଇଲେ ଖୁସିରେ ଗଦ ଗଦ ହେବା ଦରକାର ନାହିଁ କି ନ ପାଇଲେ ଉଦାସ ହେବା କୌଣସି ଆବଶ୍ୟକତା ନାହିଁ। ଏହି ସଂସାର ବଡ ସ୍ୱାର୍ଥୀ ଅଟେ। ମଣିଷ ନିଜର ସ୍ୱାର୍ଥର ଭଉରୀରେ ପୂରି ଥାଏ। ସଂସାରରେ ଏଭଳି ସଂକୁଚିତ ଓ ସଂକୀର୍ଣ୍ଣତା ବ୍ୟାପ୍ତ ହୋଇ ରହିଛି ଯେ "ବସୁଦେବ କୁଟୁମ୍ବ କମ୍'ର ଭାବନାକୁ ବୁଝିବା ସମ୍ଭବ ନୁହେଁ।

ଥରେ ଚୈତନ୍ୟ ମହାପ୍ରଭୁ ନିଜର ଏକ ମିତ୍ର ସାଥିରେ ଗଙ୍ଗାନଦୀ ପାର କରୁଥାନ୍ତି। ମିତ୍ରଙ୍କର ଉଦାସ ମୁହଁ ଦେଖି ମହାପ୍ରଭୁ ପଚାରିଲେ, ଭାଇ! ତୁମେ କାହିଁକି ଦୁଃଖି ଲାଗୁଛ? ମିତ୍ର କହିଲେ, ମୁଁ ଏଠାକୁ ଭାଗବତ କଥା କରିବା ପାଇଁ ଆସିଥିଲି କିନ୍ତୁ ଏଠାରେ ଆପଣଙ୍କ ଭାଗବତର ଏତେ ପ୍ରଭାବ ଯେ ମୋ ଭାଗବତ କଥା କେହି ଶୁଣୁନାହାନ୍ତି। ଏହା ଶୁଣି ଶ୍ରୀ ଚୈତନ୍ୟ ମହାପ୍ରଭୁ ନିଜ କୋଳରେ ରଖିଥିବା ହସ୍ତଲିଖିତ ଭାଗବତ ପୋଥିକୁ ଗଙ୍ଗା ନଦୀରେ ପ୍ରବାହିତ କରିଦେଲେ। କହିଲେ ଦେଖ ଶ୍ରୀ ଚୈତନ୍ୟ ଭାଗବତ ବିସର୍ଜନ ହୋଇଗଲା ଏବେ




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



ତୁମେ ନିଶ୍ଚିନ୍ତରେ କଥା କରି ପାର। ନିଜର ଅଷ୍ଟପଦୀରେ ଶ୍ରୀ ଚୈତନ୍ୟ ଲେଖିଛନ୍ତି -

ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁତା।

ଅମାନିତା ମାନଦେବ କୀର୍ତ୍ତନୀୟଃ ସଦାହରିଃ।।

ତୃଣ ଠାରୁ ଅଧିକ ବିନମ୍ର ହୁଅ। ବୃକ୍ଷଠାରୁ ଅଧିକ ସହନଶୀଳ ହୁଅ। ଯିଏ ସମ୍ମାନ ଯୋଗ୍ୟ ନୁହେଁ ତାକୁ ସମ୍ମାନ ଦେଇ ବ୍ୟବହାର କର। ସର୍ବଦା ହରି କୀର୍ତ୍ତନ ବା ଭଜନ କରିବା ଛାଡ ନାହିଁ।

ସଦ୍‌ଗୁରୁ ଦେବ ସ୍ୱାମୀ ଶ୍ରୀ ଶିବାନନ୍ଦଜୀ ମହାରାଜ ଋଷିକେଶର ସର୍ବଧର୍ମ ସମ୍ମିଳନୀରେ ଆୟୋଜନ କରିଥିଲେ। ଆୟୋଜକ ହେବା ଦୃଷ୍ଟିରୁ ଆଗନ୍ତୁକ ମାନଙ୍କର ସମ୍ବୋଧନ ଅଗ୍ରେଜୀ ଭାଷାରେ କରିଥିଲେ। ସଭାରେ ସଂସ୍କୃତର ଜଣେ ବିଦ୍ୱାନ ବସିଥିଲେ। ସେ ସଭା ମଝିରେ ଠିଆ ହୋଇ ଗୁରୁଦେବଙ୍କୁ ସଂସ୍କୃତ ଭାଷାରେ ବହୁତ କିଛି ଖରାପ କରି କହିଥିଲେ। ସମସ୍ତ ଉପସ୍ଥିତ ଲୋକମାନେ ବିରକ୍ତ ହେଉଥିଲେ ମଧ୍ୟ ତାଙ୍କର କହିବା ବନ୍ଦ ହେଉ ନଥାଏ। ଶେଷରେ ଗୁରୁ ମହାରାଜ ତାଙ୍କ ପାଖକୁ ଯାଇ ଦଣ୍ଡବତ ପ୍ରଣାମ କରି କହିଲେ ସଂସ୍କୃତ ଭାଷା ଜଣାନାହିଁ, ହିନ୍ଦୀରେ ଅଧାପନ୍ତରା ଜ୍ଞାନ ମୋର ତେଣୁ ଇଂରାଜୀ ଭାଷାରେ କହିଦେଲି ତେଣୁ ମୋତେ କ୍ଷମା କରନ୍ତୁ।

(କ୍ରମଶଃ)

# କ୍ଷୀରବାଲା

**ସିଦ୍ଧେଶ୍ୱର ତ୍ରିପାଠୀ**

ଛୋଟିଆ ପାହାଡ ଟିଏ। ପାହାଡରେ ଜାତି ଜାତିକା ଗଛ। ପାହାଡ ଉପରୁ କାହିଁ କେତେ ଦିନୁ ଝରି ଆସୁଛି ଝରଣା ଟିଏ। ପାହାଡ ତଳେ ଛୋଟିଆ ଗାଁଟିଏ ଯାହାର ନାଁ ହଳଦୀବସନ୍ତ। ସହର ଏଠୁ ବହୁଦୂର ମଟର ମାଡିର କେଁ କଟର ଶବ୍ଦ କଳ କାରଖାନାର ଆବର୍ଜନା ଏଠି ନଥାଏ। ଯୁଗ ସହିତ ତାଳ ଦେଇ ଗାଁକୁ ଯୋଡି ହୋଇଛି ପିଚୁରାସ୍ତା ଯାହା ଲମ୍ବିଛି ସହର ଯାଏ। ଗାଁରେ ପ୍ରାୟ ଷାଠିଏ ସତୁରି ଘର ହେବ ଆଉ ଲୋକ ସଂଖ୍ୟା ପାଞ୍ଚଶହ ପାଖାପାଖି। ଗାଁରେ ଚାଟଶାଳୀ ଟିଏ ଥିଲା ଏବେ ପ୍ରାଥମିକ ବିଦ୍ୟାଳୟ ଟିଏ ଅଛି। ଗୋଟିଏ ପୋଖରୀ ଆଉ ଦୁଇଟା ମନ୍ଦିର ଆଉ କିଛି ଚାଷ ଜମି କେତୋଟି ଛୋଟ ଛୋଟ ଗାଡିଆ। ସେଇ ଗାଁରେ ମଳୟର ଘର। ମଳୟ ଗାଁ ସ୍କୁଲରେ ପାଠ ପଢ଼ା ସାରି ଏବେ ପାଖ ଗାଁକୁ ପଢ଼ିବାକୁ ଯାଉଛି ସେଠି ଦଶମ ଯାଏ ପଢ଼ିବ। କଲେଜ ପଢ଼ିବାକୁ ହେଲେ ତାକୁ ସହରକୁ ଯିବାକୁ ପଡିବ। ମଳୟର ବାପା ଚାଷ ବାସ କରନ୍ତି। ମା ସବୁ ଘର କାମ କରେ ଆଉ ଛୋଟ ଭଉଣୀଟି ଏବେ ପାଠପଢ଼ା ଆରମ୍ଭ କରୁଛି। ବର୍ଷଯାକର ଚାଷବାସରୁ ଯାହା ମିଳେ ସେଥିରୁ ଘର ଚଳେ ଧାନଚାଷ ପରେ ପନି ପରିବା ଦିଟା ଜମିରେ ଲଗାହୁଏ। ଗାଡିଆରୁ ପାଣି ବୁହାଇ ଫସଲ ହୁଏ। ଘର ତରକାରୀ ପତର ଚଳିଲା ପରେ ଅଉ କିଛି ବଳିଯାଏ ତାକୁ ବାପା ନେଇ ହାଟରେ ବିକି ଆସନ୍ତି। ପରିବାର ଚଳିଲା ପରେ ଦି ପଇସା ସଞ୍ଚୟ ବି ହୁଏ। ମଳୟ ବାପା ବୋଉଙ୍କର ଭାରି ଗେହ୍ଲା। ସେ କେମିତି ପାଠ ପଢ଼ିବ ଭଲ ଚାକିରି କରିବ ଆଉ ମଟର ଗାଡି ଚଢ଼ି ଗାଁକୁ ଆସିବ ତା ବାପାଙ୍କର ଏଇ ବଡ ଇଚ୍ଛା। ସେଥିପାଇଁ ମଳୟର ଖାଇବର ପିଇବା ଜାମାପଟାର ଭାରି ଯତ୍ନ ନିଅନ୍ତି ବାପା ବୋଉ। ଏବେ ପଡିଶା ଘର ବୁଢ଼ିଆ ଘରୁ କ୍ଷୀର ଟିକେ ଟିକେ ଆସେ ପୁଅ ପାଇଁ। କିଛିଦନ ଗଲା ପରେ ବୁଢ଼ିଆ ଆଉ ଭଲ କ୍ଷୀର ଦଉନି ଖାଲି ଢଙ୍କ ପାଣି। ଯୋଗକୁ ଜଣେ କ୍ଷୀର ବାଲା ଏବେ ସାଇକେଲରେ କ୍ଷୀର ବିକି ଆସୁଛି। ଭଲ କ୍ଷୀର ଦଉଛି ମଳୟ ପାଇଁ ଏବେ ତାରିଠୁ କ୍ଷୀର ରଖାହେଲା। ସେ କ୍ଷୀର ବାଲା ସବୁଦିନ ଆସେ କ୍ଷୀର ଦେଇଯାଏ। ମାସକୁ ମାସ ପଇସା ନେଇଯାଏ। କିଛିପିଲା ସେ କ୍ଷୀରବାଲାକୁ ଦେଖି ଡରିଯାଆନ୍ତି ସେ କୁଆଡେ ଜଣେ ଜେଲ ଫେରନ୍ତା ଖୁନି ଆସାମୀ। ମଳୟ ବି ଏକଥା ଶୁଣେ ହେଲେ ସେ କ୍ଷୀରବାଲାକୁ ଦେଖି ଡରେନି କି ତାକୁ ପଚାରି ପାରେନି ସତରେ ତୁମେ କଣ ଜଣେ ଖୁନି ଆସାମୀ ବୋଲି।

ଧୀରେ ଧୀରେ ସମୟ ବିତିଯାଇଥିଲା। ମଳୟ ଏବେ ଦଶମ ପାସ କରି କଲେଜ ଯାଉଛି ସହରର ରହୁଛି। ବେଳେବେଳେ ଗାଁକୁ ଆସିଲେ କ୍ଷୀରବାଲା ସହିତ ତା'ର ଦେଖାହୁଏ। କ୍ଷୀରବାଲା ତାକୁ ଦେଖି ହସିଦିଏ। ଆଉ ବାବୁ ପଢ଼ାପଢ଼ି କେମିତି ଚାଲିଛି। ବାପାତ ଆଉ କ୍ଷୀର ରଖୁନାହାନ୍ତି ତମେ ଯେତିକି ଦିନ ଗାଁରେ ରହିବ ମୁଁ କ୍ଷୀର ଦେଇଯିବି। ସେଇଆ ହିଁ ହୁଏ। ହେଲେ ଏଇ ଦି'ଚାରିଦିନ ପଇସା ସେ ନିଏନି। ଦିନେ ମଳୟର ଚିଠି ଆସିଥିଲା। ଚିଠିଟାକୁ ଧରି ତା' ବାପା ମନଦୁଃଖରେ ବସିଥାନ୍ତି। କ୍ଷୀରବାଲା ଆସି ପହଞ୍ଚିଲା କଣ ହେଇଛି କି ଏତେ ମନ ଦୁଃଖରେ ବସିଛ ଭାଇ। ଏଇ ମଳୟର ଚିଠି ଆସିଛି। ତା' ପରୀକ୍ଷା ଫସି ଆଉ ଖର୍ଚ୍ଚବାର୍ଚ୍ଚ ପାଇଁ ସାତ ହଜାର ଟଙ୍କା ଦରକାର। ମୋ ପାଖରେ ହଜାରେ ଟଙ୍କା ଅଛି ଆଉ ଛଅ ହଜାର ଟଙ୍କା କୋଉଠୁ ଆଣିବି ହାତ ଉଦ୍ଧାରି ଦଶ ହଜାର ଅଛି ଯେ, ଆଜିଯାଏ ଶୁଝିନି। ଏଇକଥା କହୁକହୁ କାନ୍ଦି ପକେଇଥିଲେ ମଳୟର ବାପା। ତା' ଗାମୁଛା କାନିରେ ଲୁହ ପୋଛି ଦେଇ କ୍ଷୀରବାଲା କହିଥିଲା ମୋର ଜଣେ ବାବୁ ଚିହ୍ନା ଅଛନ୍ତି ସେ ଭାରି ଭଲ ଲୋକ ତାଙ୍କୁ କହିବି ସେ ନିଶ୍ଚୟ ଟଙ୍କା ଦେବେ। ସତକୁ ସତ ପରଦିନ କ୍ଷୀରବାଲା ସାତହଜାର ଟଙ୍କା ଆଣି ଦେଲା ମଳୟର ବାପା ତାକୁ ନେଇ ସହରକୁ ଗଲେ ମଳୟକୁ ଟଙ୍କା ଦେଇ କ୍ଷୀରବାଲା କଥା କହିଲେ। ମଳୟ ଭାରି ଖୁସି ହୋଇ କହିଲା ବାପା ତୁମେ ବ୍ୟସ୍ତ ହୁଅନି। ଏଇବର୍ଷ ମୁଁ ବିଏ ପାସ କରିବି। ଆଉ ଟଙ୍କା ପାଇଁ ବ୍ୟସ୍ତ ହୁଅନି ମୁଁ ଏଠି



ଗୁଡାଏ ପିଲାଙ୍କୁ ଟ୍ୟୁସନ କରୁଛି। କିଛି ଟଙ୍କା ମଧ ମୋତେ ଛାତ୍ରବୃତ୍ତି ଭାବରେ ମିଳୁଛି। ଦୁଇ ତିନିଟା ସରକାରୀ ଚାକିରି ପାଇଁ ମୁଁ ଆବେଦନ କରିଛି ପାଠପଢ଼ା ସରିଲା ବେଳକୁ ଯଦି ଚାକିରିଟେ ମିଳିଯାଏ ଆଉ କିଛି ଅସୁବିଧା ହେବନି ବାପା। ବାପା କ୍ଷୀର ବାଲା ମଉସାଙ୍କୁ କହିଥିବ ଏଇ ଛଅମାସ ପରେ ମୁଁ ଘରକୁ ଯିବି ଚାକିରିଟେ ମିଳିଯାଇଥିଲେ ଆମେ ସବୁ ପଇସା ତାଙ୍କର ସୁଝିଦେବା। ଭଉଣୀ ତ ମେଟ୍ରିକ ପାସ୍ କରି ସାରିଛି ତାକୁ କଲେଜ ପଢ଼େଇବା। ବାପା ଗାଁକୁ ଫେରିଲେ ଚାଷବାସରେ ମନ ଦେଲେ।

ସମୟ ବଡ ବଳବାନ। ସମୟ ସାଥିରେ ସବୁକିଛି ବଦଳିଯାଏ। ଯା ଭିତରେ ଛଅ ମାସ ବିତିଗଲାଣି ମଳୟ ଚିଠି ଦେଇଥିଲା। ସେ ଭଲ ନମ୍ବର ରଖି ବିଏ ପାସ କରିଛି। ତାକୁ ତହସିଲ ଅଫିସରେ ଭଲ ସରକାରୀ ଚାକିରିଟିଏ ମିଳିଛି। ଏଇ ଦି'ମାସର ଦରମା ଆଉ ଟିଉସନ କରି ରଖିଥିବା କିଛି ପଇସା ନେଇ ସେ ଗାଁକୁ ଯିବ ବାପାଙ୍କର ସବୁ କରଜ ସୁଝିଦେବ। ଯା' ଭିତରେ କ୍ଷୀରବାଲା ହଳଦୀବସନ୍ତ ଗାକୁ ସବୁଦିନ ଆସେ ମଳୟର ଭଲମନ୍ଦ କଥା ପଚାରି ବୁଝେ। ମଳୟ ଗାଁକୁ ଆସିଲା ସାଙ୍ଗରେ ଆଣିଥିଲା ମିଠା କେତେ ପ୍ରକାର, ବାରମଜା ବାପା ପାଇଁ ନୂଆ ଜାମା, ବୋଉ ପାଇଁ ଲୁଗାପଟା, ଭଉଣୀ ପାଇଁ ଡ୍ରେସ ଆଉ କ୍ଷୀରବାଲା ପାଇଁ ଭଲ ପାଇଜାମା। ଆଉ କିଛି ସେଓ ଫଳ। ମଳୟକୁ ଦେଖି ସମସ୍ତେ ଖୁସି ଗାଁରେ ଯାହା କରଜ ବାରଜ ଥିଲା ସବୁ ସୁଝିଦେଲେ। ମଳୟ କହିଲା ବାପା ଏଇ ଚାରି ଛ'ମାସ ପରେ ଆମେ ଚାଳ ଘର ଭାଙ୍ଗି କୋଠା ଘର କରିଦେବା। ତମେ ଆଉ ସାଇକେଲରେ ହାଟକୁ ଯିବନି। ତୁମ ପାଇଁ ଲୁନା ଗାଡିଟିଏ କିଣିଦେବା। ଆଉ ଭଉଣୀକୁ ନେଇ ସହରରେ ପାଠ ପଢ଼େଇବା। ହଁ ବାପା କାଲି କ୍ଷୀର ବାଲା ମଉସା ଆସିଲେ ତାଙ୍କୁ ସାତ ହଜାର ଟଙ୍କା ଦେଇଦେବା। ଆଉ ଏଇ ପାଇଜାମା ଆଉ ଫଳ ସେଇ ବି ଦେବା। ମୁଁ ଚାକରି ପାଇଛି ଜାଣିଲା ପରେ ସେ ଭାରି ଖୁସି ହେବେ। ଏମିତିରେ ବି ସେ ଯୋଉ ଟଙ୍କା ଦେଇଥିଲେ ଗୁଡାଏଦିନ ହେଇଗଲାଣି। ହେଲେ ସେ ତ ଆଉ ମାସେ ହେଲା ଆସୁନି ବାପା କହିଲେ। ହଉ ମୁଁ କାଲି ଯିବି ସେ ପରା ଏଇଠୁ ସାତକିଲୋମିଟର ଦୂର ମଧୁପୁର ଗାଁରେ ଥିବା ମୁକ୍ତାକାଶ କରାଗାରାରେ ରହୁଛନ୍ତି। ମଳୟର ମନଟା ଜମା ଭଲ ଲାଗୁନଥାଏ କେମିତି ସକାଳ ହେବ ସେ କ୍ଷୀରବାଲାକୁ ଯାଇ ଦେଖା କରିବ।

ସକାଳ ହେଲା ମଳୟ ଶେଯରୁ ଉଠି ମୁହଁଟା ଧୋଇ ଦେଇ ସାଇକେଲଟା ଧରି ବାହାରିଲା। ବାଟରେ ଗଲାବେଳେ ସେ ଭାବୁଥାଏ ପିଲାଦିନୁ ସେ କ୍ଷୀରବାଲାକୁ ଦେଖି ଆସିଛି ହସହସ ମୁହଁ, ମିଠା କଥା, ଭଦ୍ର ବ୍ୟବହାର। ହେଲେ ପିଲାଏ ତାକୁ ଡରନ୍ତି। ଲୋକମାନେ କୁହାକୁହି ହୁଅନ୍ତି ସେ କୁଆଡେ ମଣିଷ ମାରି ଜେଲରେ ଥିଲା। ଏବେ ଏଠାକୁ ଆସିଛି। ଏମିତି ଭାବୁଭାବୁ ବାଟ ସରିଗଲା ସେ ମୁକ୍ତାକାଶ କାରାଗାର ପାଖରେ ପହଞ୍ଚିଲା। ସିକ୍ୟୁରିଟିକୁ ପଚାରିଲା ଏଇ ଯୋଉ ଡେଙ୍ଗାହୋଇ ଲୋକ ଜଣେ ସବୁଦିନ କ୍ଷୀର ନେଇ ଯାଆନ୍ତି ମୁଁ ତାଙ୍କୁ ଟିକେ ଦେଖାକରି ପାରିବି। ସିଆଡୁ ବାବୁ ଜଣେ ପାଖକୁ ଆସି କହିଲେ ମଳୟ ଭିତରକୁ ଆସ। ମଳୟ ଆଶ୍ଚର୍ଯ୍ୟ ଆଜ୍ଞା ଆପଣ ମୋତେ ଜାଣନ୍ତି। ହଁ ଆସ ସାଇକେଲ ଭିତରକୁ ଆଣ ଏଇ ବଗିଚାକୁ ଦେଖ ସେଠି ଚଉକିରେ ବସି କଥା ହେବା। ଏଇ ଯୋଉ ଗଛ ଗୁଡା ଦେଖୁଛ ଯାକୁ ସେଇ କ୍ଷୀରବାଲା ଲଗେଇଛି। ଏଇ ବର ଓସ୍ତ ଗଛରେ ସିନ୍ଦୁର ସାଲୁକନା ସେହିଁ ଲଗେଇଛି। ଚାଲ ଦେଖିବ ତୁମେ ପିଲାଦିନୁ ଯୋଉ କ୍ଷୀର ପିଅ ଏଇ ଗୁହାଳରେ ଥିବା ଗାଈ ମାନଙ୍କଠୁ ଯାଏ। ସେ କ୍ଷୀରବାଲା ଏଇ ଗୁହାଳରେ ଥିବା ଗାଈ ମାନଙ୍କର ଯତ୍ନନିଏ। ମଳୟ କ୍ଷୀରବାଲାକୁ ଦେଖିବାକୁ ବ୍ୟାକୁଳ ହେଉଥିଲା।

ସେ ଅଫିସର କହିଲେ ହଁ ବ୍ୟସ୍ତ ହୁଅନି ତୁମେ ଯୋଉ କ୍ଷୀରବାଲାକୁ ଖୋଜୁଛ ତା ନାଁ ତପନ ଜେନା। ତା' ଘର କେନ୍ଦ୍ରାପଡାରେ। ତାର ସ୍ତ୍ରୀ ଆଉ ବାରବର୍ଷର ଝିଅଟିଏ ଥିଲା। ସିଏ ରାଜମିସ୍ତ୍ରୀ କାମ କରି ବେଶ ଭଲରେ ଚଳୁଥିଲା। ହେଲେ ଦିନେ ଅନ୍ଧାରି ରାତିରେ ପଟ୍ଟନାୟକ ଘରର ପଚିଶ ବର୍ଷର ପୁଅ ବାବୁଲା ତା' ଝିଅକୁ ଯାତ୍ରାରୁ ଫେରିଲା ସମୟରେ ଘରକୁ ନେବ କହି ସାଇକେଲରେ ବସେଇ ଆଣିଥିଲା। ଆଉ ଜଙ୍ଗଲି ରାସ୍ତାରେ ସେ ବାରବର୍ଷର ଝିଅକୁ ବଳାତ୍କାର କରିଥିଲା। ନିଜ ଦେହର ଭୋକ ମେଣ୍ଟାଇ ସାରିଲା ପରେ ତାକୁ ତଣ୍ଟି ଚିପି ହତ୍ୟା କରିଥିଲା। ଏପଟେ ତପନ ଜେନା ଆଉ ତା ସ୍ତ୍ରୀ ଝିଅକୁ ନ ପାଇ ବହୁ ଖୋଜାଖୋଜି କଲେ ଲୋକେକହିଲେ ସେ ପଟ୍ଟନାୟକ ଘର ପୁଅ ବାବୁଲା ତାକୁ ସାଇକେଲରେ ବସେଇ ଆଣୁଥିଲା। ସେ ଏବେ ଫେରାର ବହୁ ଖୋଜା ଖୋଜି ପରେ ଜଙ୍ଗଲି ରାସ୍ତା କଡରୁ ଝିଅର ଶବ ମିଳିଲା। ଝିଅ ଦେହରେ ସୂତା ଖିଅଟେ ବି ନଥିଲା। ଗାଲ ଓଠ ଆଖି ପାଖରେ ସ୍ପଷ୍ଟ ଜଣାପଡୁଥିଲା କାମୁଡା ଦାଗ। ଯୌନାଙ୍ଗରୁ ଝରୁଥିଲା ରକ୍ତ। ଝିଅକୁ ଏଭଳି ଅବସ୍ଥାରେ ଦେଖି ଭାଙ୍ଗିପଡିଥିଲା ତପନ ଜେନା। ପୋଲିସ ଆସିଲା ଝିଅର ଶବ ବ୍ୟବଚ୍ଛେଦ ପରେ ତାର ଅନ୍ତ୍ୟେଷ୍ଟିକ୍ରିୟା କରାହେଲା। କିଛିଦିନ ପରେ ବାବୁଲା ଗିରଫ ହେଲା। ହେଲେ କିଛିଦିନ ଜେଲ୍‌ରେ ରହି ସେ ବେଲ୍‌ରେ ଆସିଲା ଗାଁରେ ବୁଲିଲା। ନିଜ ଝିଅର ବଳାତ୍କାରୀ ଆଉ ହତ୍ୟାକାରୀକୁ ଦେଖିଲା ପରେ ତପନ ଜେନା ମଉକା ଖୋଜୁଥିଲା ଦିନେ ତା ଟାଙ୍ଗିଆ ଚୋଟରେ ବୁବଲାର ମୁଣ୍ଡ ଗଣ୍ଡି ଅଲଗା ତା ପରଠୁ ତପନ ଜେନା ଜେଲ୍‌ରେ ତା ସ୍ତ୍ରୀ ଟା ପାଗେଳି ହୋଇ କୁଆଡେ ଗଲା ଯେ କେହି ଜାଣନ୍ତିନି। ତା' ଘର ମାଟିରେ ମିଶିଗଲା। ପରିବାର ହେଲା ଛାରଖାର। ଅଭିଶପ୍ତ ହୋଇଗଲା ଜୀବନ। ଅଦାଲତ ତାକୁ ଆଜୀବନ କାରାଦଣ୍ଡ ଶୁଣାଇଲେ। ଏଇ କିଛିବର୍ଷ ହେଲା ସେ ଏଇ ମୁକ୍ତାକାଶ କାରାଗାରରେ ଥିଲା। ଏସବୁ ଶୁଣି ମଳୟ ମୁହଁ ଝାଳରେ ଭରିଯାଇଥିଲା। ହଉ ଏବେ ତାଙ୍କୁ ଟିକେ ଡାକନ୍ତୁମୁଁ ତାଙ୍କ ଟଙ୍କା ଆଉ କିଛି ଫଳ ଏଇ ପାଇଜାମାଟା ଦେଇଥାନ୍ତି।

ଅଫିସର କହିଲେ ସେ ଏଇ ମାସତଳେ ଅସୁସ୍ଥ ହୋଇଗଲା। ଆଉ ଖିଆପିଲା କଲାନି। ତାକୁ ଡାକ୍ତରଖାନା ନିଆଯାଇଥିଲା। ହେଲେ ଏଇ ପନ୍ଦର ଦିନ ତଳେ ସେ ଆରପାରିକୁ ଚାଲିଗଲା। ହିନ୍ଦୁ ରୀତିନୀତିରେ ତାର ଅନ୍ତ୍ୟେଷ୍ଟିକ୍ରିୟା ସରିଛି। ସେ ମରିବା ପୂର୍ବରୁ ତୁମ ବିଷୟରେ ମୋତେ ସବୁ କିଛି କହିଥିଲା। ସେ ଟଙ୍କା ମୁଁ ଦେଇଥିଲି ସେ ଟଙ୍କା ଦେବା ଦରକାର ନାହିଁ। ତୁମ ପାଇଁ ସେଇଟା ତୁମ ପ୍ରିୟ କ୍ଷୀରବାଲାର ଶେଷ ଉପହାର ଭାବିନେବ। ଅଫିସରଙ୍କୁ ନମସ୍କାର କରି ମଳୟ ଘରକୁ ଫେରୁଥିଲା ସାଇକେଲ ହ୍ୟାଣ୍ଡଲରେ ଝୁଲୁଥିଲା ବ୍ୟାଗଟିଏ। ବ୍ୟାଗ୍‌ରେ ଥିଲା ପାଇଜାମା, ସେଓ ଫଳ ଆଉ ସାତ ହଜାର ଟଙ୍କା। ମଳୟର ସାଇକେଲ ଆଗେଇ ଚାଲିଥିଲା ତା ଘର ଆଡକୁ। ସାଇକେଲର ଗତି ଠାରୁ ତା ଆଖିରୁ ଝରୁଥିବା ଲୁହ ଥିଲା ବେଶ୍ ଆଗରେ।

*କବିର ଘର, କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା*
*ଦୂରଭାଷ : ୮୦୧୮୬୪୬୭୦୪*



# ନୂଆ ବର୍ଷ : ଆରମ୍ଭର ସୋପାନ ଚଢ଼ିବା

**ବାଦଲ ଭୂୟାଁ**



ଯାହା ହବାର ତ ହେଲା
ଚାଲ ନୂଆ ନୂଆ ଆରମ୍ଭ କରିବା
ନୂଆ ସକାଳ, ନୂଆ କାକର
ନୂଆ ସୂର୍ଯ୍ୟ ଚନ୍ଦ୍ର
ସବୁଙ୍କୁ ଦେଖି ଅନନ୍ୟ ରୂପ ମାଧୁର୍ଯ୍ୟରେ
ଜୀବନର ଓଁକାର ତୋଳିବା।
ଅଙ୍କା ବଙ୍କା ଜୀବନ ରାସ୍ତାରେ
କେତେ ଖାଲ ଖମା ଆମେ ପାର ହୋଇଗଲେ
ଦୁଃଖର ସାଗର ଲଂଘିଲେ
ତିକ୍ତ ମଧୁ ଅନୁଭବ ମନରେ ଭରିଲେ
ସେଥିରୁ ଶିଖିଲେ ଦେହରେ ମାଖିଲେ
ମନର ଦୁଆର ଖୋଲି ମୁରୁକି ହସିଲେ
ଫୁ କହି ଦୁଃଖର କଷଣ ସବୁକୁ
କ୍ଷଣେ ଭୁଲିଗଲେ।





ଚଲାପଥ ଜୀବନର ଏହିପରି ବୋଧେ
କେବଳ ହସରେ ବା ଆପୋଷୋରା କୋହର
ଜ୍ୱାଳାରେ ଭରା ଜୀବନ ଫରଦ
ଏଇ ବୋଧେ ଖସଡ଼ା, ବିଧିବଘି ଧାରା
ଯଦିଓ ଲାଗେ ଜ୍ୟାମିତିକ ରେଖା ପରି ସରଳ ସର୍ଜନା
କିନ୍ତୁ, ହେ ମହା ଜୀବନ! ଗଣିତର ପାଠ ପରି ବେଳେ ବେଳେ
କଠିନ ଦୁରବୋଧ?
ନୂଆ ସଂକଳ୍ପରେ ନୂଆ ବର୍ଷ ଆରମ୍ଭ କରିବା
ନୂଆ କଥା, ନୂଆ ଚିନ୍ତା ଚେତନାରେ
ମନକୁ ମାଜିବା, ଶାଣିତ କରିବା
ଅଖିନୂଆ ଜାମା ପରି ସବୁ ସଜେଇବା
ଚାଲ ଆଉଥରେ ଆରମ୍ଭର ସୋପାନ ଗଢ଼ିବା।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ'*
*୪ଜି ପ୍ରତାପ ଆପାର୍ଟମେଣ୍ଟ,୭ ଏକ୍ସଟେନସନ ରୋଡ଼,*
*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

# ତରୀ



**ଧରିତ୍ରୀ ମହାନ୍ତି**

ଅତଳ ସମୁଦ୍ରେ ଭାସଇ ଯେ ତରୀ
ଥଳ କୂଳ ଦିଶେ ନାହିଁ,
କେଉଁ ଦିଗେ ମଙ୍ଗ ଉଜାଡି ବାହିବି
ଦିଗ ହରା... ପଥ କାହିଁ?

ପ୍ରତିଟି ଶ୍ୱାସରେ ମେଲାଣି ବହଇ
ସରି, ସରି ଆସେ ଦିନ,
ପଶ୍ଚିମ ଆକାଶେ ବୁଡନ୍ତି ଯେ ରବି
ଭାସଇ ମଗର, ମୀନ...

ଦୂର ଦିଗବଳୟରୁ ଶୀତଳ ସମୀର
ସୁନୀଳ, ନୀଳ ତରଙ୍ଗ,
ଜୀବନ ଯାତ୍ରାରେ ଆଶା ଓ ବିଶ୍ୱାସ
ଭରେ ସେ ଶତ ଉମଙ୍ଗ
ଜୀବନ ତରୀରେ ତୁମେ ତ ନାବିକ
ନାବକୁ ହେ ପାରିକର,
ଆହେ ଦୟାମୟ, କରୁଣା ବତ୍ସଳ
ପଦେ ଶରଣ କିଙ୍କର...।

*ନୟାପଲ୍ଲୀ, ଭୁବନେଶ୍ୱର*



# ବିଦାୟ ୨୦୨୦

**ଅଶୋକ କୁମାର ପ୍ରଧାନ**

କେତେ ଆଶା ନେଇ ଆସିଥିଲା ଧାଇଁ
ବର୍ଷ ଦୁଇ ହଜାର କୋଡିଏ
ଆଜିବି ଲାଗୁଛି ନୂଆଁ ନୂଆଁ ସତେ
ବିତିଛି ଦିନଟା ଯୋଡିଏ।
କେତେ ନୂଆଁ ଚିନ୍ତା କରିଥିଲୁ ଆମେ
ବାକି ରହିଗଲା ଅଧାରେ
ଲକଡାଉନ ଆଉ ସଟଡାଉନ ହୋଇ
ଉପୁଜିଲା ସବୁ ବାଧାରେ।
ମାର୍ଚ୍ଚ ପହିଲାରୁ ଡିସେମ୍ବର ଯାଏ
ମିଳିଲାନି ଟିକେ ମୁକତି
କରୋନା ଆସିକି ପରୀକ୍ଷା କରିଲା
କାହାର କେତିକି ଶକତି।
କେତେ ପରିବାର ଉଜଡି ବା ଗଲା
ତଥାପି କରୋନା ଡରାଏ
କହିଦେଇଗଲା ନୁହଁ ତୁମେ ବଡ
ସାମାନ୍ୟ ଭୂତାଣୁ ହରାଏ।
ରେ ମଣିଷ ଶୁଣ ମୋହର ବଚନ
କେହି ନୁହଁ ତୁମେ ବଡରେ
ପ୍ରକୃତି ଯୋଗାଏ ଜଳବାୟୁ ଅଗ୍ନି
ତାହା ଲାଗି ତୁମେ ବଢ଼ରେ।
ସେ ହିଁ ଅଟଇ ସର୍ବ ଶକ୍ତିଶାଳୀ
ତାଠାରୁ କେ ବଡ ହୋଇବ
ବିନୟୀ ହୋଇଲେ ଆପଣା ଅନ୍ତରେ
ସର୍ବେ ମହାନତା ପାଇବ।
ଯେମିତି ବି ହେଉ ଧୀରେ ଧୀରେ ହୋଇ
କଟିଲା ବରଷ କଷ୍ଟରେ
କରିନୁ ହିସାବ ଅତୀତ ଯନ୍ତ୍ରଣା
କି ହୋଇଛି ଲାଭ ନଷ୍ଟରେ।
ତଥାପି ମନରେ ଅଜସ୍ର ଆଶାକୁ
ସାଇତି ରଖିଛୁ ମନରେ
ଦୁଇହଜାର ଏକୋଇଶି କେମିତି ରହିବ
ଭରିଦେଉ ଶାନ୍ତି ଜ୍ଞାନରେ।
ବିଦାୟ ଦେଉଛୁ ଦୁଇ ହଜାର କୋଡିଏ
ଡାକୁଅଛୁ ନବ ବରଷ
ହେ ନବ ବରଷ ସବୁରି ମନରେ
ଭରିଦିଅ ଖୁସି ହରସ।

*ଶିକ୍ଷକ*
*ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ*
*ରୋହିଗାଁ, ଗଞ୍ଜାମ*
*ଦୂରଭାଷ : ୮୨୪୯୧୧୯୧୩୦*

# ଶୀତତୁ ଆସିଛୁ ବୋଲି

**ସ୍ୱର୍ଣ୍ଣପ୍ରଭା ବାରିକ୍**

ଶୀତ ତୁ ଆସିଛୁ, ମୋ ମନ ତଳେ
ଶିଶିର ବିନ୍ଦୁ ହୋଇ ଭିଜା ସକାଳରେ।
ଭାରି ଭଲ ଲାଗୁ ସୋରିଷ କ୍ଷେତରେ
ସରସୀରେ ଖେଳେ ଯେବେ ନୀଳକଇଁ,
ଧିର ପାଦ ଆଣି ଆସୁ ଧରଣୀ କୁ ତୁହି
ତୋ ପାଇଁ ସିନା ବୋଇତ ବନ୍ଦାଣ
ହୁଏ ପୁଣି ପୋଡ ପିଠା
ଘରେ, ଘରେ ଜାଣ
ଯେତେ ଋତୁ ଆସେ
ସବୁ ଲାଗେ ଫିକା



ତୋ ପରି କେହି ନୁହେଁ
ଲାଗୁ ତୁ ଅଲଗା
ନଦୀ ତୀରେ ବହେ
କାଲୁଆ ପବନ
ରାତି ବଢିଗଲେ ଶୁଭେ
ଝିଙ୍କାରିର ସ୍ୱନ।

*ଏନ୍.ଏଚ୍. କଲୋନୀ*
*ତିନିମୁହାଣୀ, କେନ୍ଦ୍ରାପଡ଼ା*
*ଦୂରଭାଷ: ୮୭୫୮୦୮୮୪୫୨*









**ରିୟାନ୍ସ ପଣ୍ଡା**
ଷ୍ଟାଣ୍ଡାର୍ଡ - ୧
ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ
ବାଙ୍ଗାଲୋର






**ଆଶମା ନନ୍ଦ**
ଷ୍ଟାଣ୍ଡାର୍ଡ - ୩
ସେଣ୍ଟ ଜୋସେଫ ହାଇୟର
ସେକେଣ୍ଡାରୀ ସ୍କୁଲ



# ସହିଦଙ୍କ ତ୍ୟାଗ ବୃଥା ଯିବନି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶହୀଦ କୋଭିଡ ଯୋଦ୍ଧାଙ୍କ ପରିବାର ବର୍ଗଙ୍କ ସହ ଆଲୋଚନା କରି ସମବେଦନା ଜଣାଇଥିଲେ ଏବଂ ଶହୀଦଙ୍କ ତ୍ୟାଗ କେବେ ହେଲେ ବିଫଳ ହେବ ନାହିଁ ବୋଲି କହିଥିଲେ। କୋଭିଡ ବିରୁଦ୍ଧରେ ଲଢ଼େଇରେ ଆମେ ନିଶ୍ଚୟ ଜିତିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ କହିଥିଲେ। ଶହୀଦ କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗର ସ୍ମୃତି ରକ୍ଷା ପାଇଁ ଭୁବନେଶ୍ୱରରେ ଏକ ସ୍ମାରକୀ ପ୍ରତିଷ୍ଠା କରାଯିବ। ଏଥିରେ ଶହୀଦ ହୋଇଥିବା ସବୁ କୋଭିଡ୍ ଯୋଦ୍ଧାମାନଙ୍କ ନାମ ଲିପିବଦ୍ଧ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଆପଣଙ୍କ ପରିବାରର ତ୍ୟାଗକୁ ଏ ଜାତି ସବୁବେଳେ ସମ୍ମାନର ସହ ମନେ ରଖିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୦ ଥିଲା ମାନବ ଇତିହାସର ଏକ



ସଂକଳ୍ପମୟ ବର୍ଷ। ସାରା ବିଶ୍ୱ ସହ ଓଡ଼ିଶା ମଧ୍ୟ ଏହି ସଂକଟର ସାମନା କରିଛି ଏବଂ ଆମର ଲକ୍ଷ ଲକ୍ଷ କୋଭିଡ୍ ଯୋଦ୍ଧାଙ୍କ ନିଷ୍ଠା, ତ୍ୟାଗ ଓ ସେବା ଯୋଗୁ ଆମେ ଆଜି ଭଲ ସ୍ଥିତିରେ ରହିଛୁ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଦୁଃଖର କଥା ଯେ, ଏହି ଯୁଦ୍ଧରେ ଆମର ୧୦୦ରୁ ଅଧିକ କୋଭିଡ୍ ଯୋଦ୍ଧା ଶହୀଦ ହୋଇଛନ୍ତି। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜରାଇଥିଲେ। ଶହୀଦ କୋଭିଡ୍ ଯୋଦ୍ଧାଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଆପଣମାନଙ୍କ ସହିତ ଅଛନ୍ତି। ଏ ଶୂନ୍ୟତା କେବେ ବି ପୂରଣ କରିହେବ ନାହିଁ। ଆମେ କେବଳ ଆପଣମାନଙ୍କୁ ଏତିକି ସହାୟତା କରିପାରିବୁ ଯେଉଁଥିରେ ସେମାନଙ୍କୁ ପରିବାରର ସଦସ୍ୟଙ୍କ ପରଲୋକ ଯୋଗୁ ଯେପରି ଆପଣଙ୍କ ପରିବାର କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି। ସରକାର ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ମାଲକାନଗିରି, କଟକ, ବରଗଡ, ବାଲେଶ୍ୱର ଓ ଗଞ୍ଜାମରେ ଉପସ୍ଥିତ ଶହୀଦ କୋଭିଡ୍ ଯୋଦ୍ଧାଙ୍କ ପରିବାର ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ଶହୀଦ ମାନଙ୍କ ପରିବାରବର୍ଗ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧା ଓ ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଓଡ଼ିଶା ସଫଳତାର ସହ କୋଭିଡ୍ ଯୁଦ୍ଧର ମୁକାବିଲା କରିପାରିଛି। ୧୦ ଲକ୍ଷ ପ୍ରବାସୀ ଓଡ଼ିଆଙ୍କ ଆଗମନ ସମୟରେ ରାଜ୍ୟର ପରିଚାଳନା ଉଲ୍ଲେଖନୀୟ ଥିଲା ବୋଲି ସେ କହିଥିଲେ। ଆମର ସଠିକ୍ ଯୋଜନା ଓ ସମସ୍ତ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ କୋଭିଡ୍ ଯୁଦ୍ଧରେ ସଫଳତା ମିଳିପାରିଛି ବୋଲି ସେ କହିଥିଲେ।

### ଦେଶରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବ୍ୟବସ୍ଥା ଲାଗୁ ପ୍ରସଙ୍ଗ

# ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ : ଅପରାଜିତା

**ଭୁବନେଶ୍ୱର :** ଦେଶରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବ୍ୟବସ୍ଥା ଲାଗୁ ହେଲେ ନିର୍ବାଚନ ମଡେଲ କୋଡ କାର୍ଯ୍ୟକାରୀ ହେବା ପରେ ଉନ୍ନୟନ କାର୍ଯ୍ୟ ଯେଉଁ ପରିମାଣରେ ବାଧାପ୍ରାପ୍ତ ହେଉଥିଲା ତାହା ହେବ ନାହିଁ ଏବଂ ମାନବ ସମ୍ବଳ, ଶକ୍ତି, ସମୟ ଓ ଆର୍ଥିକ ସମ୍ବଳର ସଂରକ୍ଷଣ ହୋଇପାରିବ। ଏହି ବ୍ୟବସ୍ଥାରେ ନିର୍ବାଚନ ଖର୍ଚ୍ଚ ହ୍ରାସ ପାଇବା ସହ ଦେଶରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏହା ହେଲେ ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ୍ୟ ବୋଝ କମ୍ ପଡିବ। ଏହାକୁ ଲାଗୁ କରାଗଲେ ଜିଡିପି କ୍ଷତି କିଛି ମାତ୍ରାରେ ରୋକାଯାଇପାରିବ ବୋଲି ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ଆମ ଦେଶରେ ୧୯୫୧-୫୨ ରୁ ୧୯୬୭ ମଧ୍ୟରେ ଯେଉଁ ନିର୍ବାଚନ ମଡେଲ ପ୍ରଚଳନ ଥିଲା ସେଥିରେ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ଏକ ସଙ୍ଗରେ ଅନୁଷ୍ଠିତ ହୋଇଥିଲା।



ପରବର୍ତୀ ସମୟରେ ସମ୍ବିଧାନର ଧାରା ୩୫୬କୁ ଦୁରୁପଯୋଗ କରି ନିର୍ବାଚିତ ସରକାରକୁ ଭାଙ୍ଗି ଦିଆଯାଇଥିବାରୁ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ପ୍ରକ୍ରିୟା ଅନୁଷ୍ଠିତ ହୋଇପାରିନଥିଲା। ୧୯୮୩ରେ ନିର୍ବାଚନ କମିଶନ ଏକକ ନିର୍ବାଚନ ପାଇଁ ଯୁକ୍ତି ଉପସ୍ଥାପନା କରିଥିଲେ। ୧୯୯୯ ମସିହାରେ ଜାତୀୟ 'ବିଧି' କମିଶନ ଅଧ୍ୟକ୍ଷ ବିଚାରପତି ଜୀବନ ରେଡ୍ଡୀ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ପ୍ରସ୍ତାବ ଉପରେ ନୀତି ଆୟୋଗ ଏବଂ ନିର୍ବାଚନ କମିଶନ ବିଚାର ବିମର୍ଶ କରିଥିଲେ। ରାଜନୈତିକ ଇଚ୍ଛା ଶକ୍ତି ଅଭିବାରୁ ଏହା ଗ୍ରହଣୀୟ ହୋଇ ପାରିନଥିଲା। ୨୦୧୫ରେ ପାର୍ଲିଆମେଂଟାରୀ ଷ୍ଟାଣ୍ଡିଙ୍ଗ କମିଟିଙ୍କ ନେତୃତ୍ୱରେ ଲୋକସଭା ଓ ବିଧାନସଭା ନିର୍ବାଚନ ଏକ ସଙ୍ଗରେ କରିବା ପାଇଁ ରିପୋର୍ଟ ପ୍ରଦାନ କରିଥିଲେ। ଏହା ପରେ ନୀତି ଆୟୋଗ ୨୦୧୭ରେ ଏକକ ନିର୍ବାଚନ ପାଇଁ ଏକ ସନ୍ଦର୍ଭ ପ୍ରସ୍ତୁତ କରିଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନରେ ଏହି ପ୍ରସ୍ତାବ ଉପରେ ୨୧ ତମ 'ବିଧି' କମିଶନ ବିଚାରପତି ବି.ଏସ ଚୌହ୍ୱାନଙ୍କ ନେତୃତ୍ୱରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସପକ୍ଷରେ ଏକ ରିପୋର୍ଟ ୨୦୧୮ ଅଗଷ୍ଟ ମାସରେ ପ୍ରଦାନ କରାଯାଇଥିଲା। ବର୍ତମାନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକକ ନିର୍ବାଚନ ପାଇଁ ଆଗ୍ରହ ପ୍ରକାଶ କରି ଏହା ଉପରେ ବିଚାର ବିମର୍ଶ ପାଇଁ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଶୀର୍ଷକ ଏକ ୱେବିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଏକ ରାଷ୍ଟ୍ର ଏକ ନିର୍ବାଚନ'ର ଉପାଦେୟତା ସଂପର୍କରେ ଏହି ୱେବିନାରରେ ଆଲୋଚନା ହୋଇଥିଲା। ଶ୍ରୀମତୀ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରଠାରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ବିଜେପି ସାଧାରଣ ସଂପାଦକ ସଙ୍ଗଠନ ମାନସ ମହାନ୍ତି ଏବଂ ଦିଲ୍ଲୀରୁ ଭିଡିଓ କନଫରେନ୍ସ ମାଧ୍ୟମରେ ବିଜେପି ରଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟସଭା ସାଂସଦ ଡ. ବିନୟ ସହସ୍ରବୁଦ୍ଧେ ଓ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡ.ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ଓ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରଘୁନାଥପୁର ପଞ୍ଚାୟତ ସରପଞ୍ଚଙ୍କ ଦୁର୍ନୀତିଖୋର ମନୋଭାବକୁ ନେଇ କର୍ମୀଙ୍କ ମହଲରେ ଅସନ୍ତୋଷ

**ଜଗତ୍‌ସିଂହପୁର:** ରଘୁନାଥପୁର ବ୍ଲକଟି ରାଜନୈତିକ କ୍ଷେତ୍ର ହେଉ ବା ଦଳୀୟ କନ୍ଦଳ ହେଉ ସଦାସର୍ବଦା ଚର୍ଚ୍ଚାରେ ରହୁଥିବାବେଳେ ରଘୁନାଥପୁର ଗ୍ରା.ପ.ର ସରପଂଚ ପ୍ରମୋଦ କୁମାର ଜେନାଙ୍କ ଦୁର୍ନିତିଖୋର ମନୋଭାବକୁ ନେଇ କର୍ମୀ ମାନଙ୍କ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଦଳର ସରପଂଚ ବୋଲାଉଥିବା ଶ୍ରୀ ଜେନା ମୁଖ୍ୟମନ୍ତ୍ରୀଙ୍କ ୫-ଟି ଯୋଜନା ସ୍ୱଚ୍ଛତାକୁ ଫୁ କରି ଉଡାଇ ଦେଉଥିବାରୁ ପଂଚାୟତ ବାସୀ ମୁଖ୍ୟମନ୍ତ୍ରୀଙ୍କ ୫ ଟି ସଚ୍ଚିବ, ପଂଚାୟତ ରାଜ ବିଭାଗ ସଚ୍ଚିବ, ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହି ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର, ଗୁହାଳ ଘର, ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଶୌଚାଳୟ ନିର୍ମାଣ, ଆକସ୍ମିକତା ଅର୍ଥ ରାଶି, ନଳକୂପ ଖନନ, ଜାତୀୟ ପରିବାର ମଙ୍ଗଳ ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ରାଶି ହେଉ ବା ବାର୍ଦ୍ଧକ୍ୟ ଭତା ହେଉ ସବୁଥିରେ ଲମ୍ବି ଲମ୍ବି ଚାଲିଛି ଦୁର୍ନିତିର ଗନ୍ତା ଘର ସବୁ। ଏହି ପଂଚାୟତର ଦୁର୍ନିତିର କାୟା ମାଡି ମାଡି ଚାଲିଥିବାରୁ ଏଥି ପାଇଁ ପଂଚାୟତବାସୀ ଅଭିଯୋଗ କଲେ ବି ବ୍ଲକ କର୍ତୃପକ୍ଷ ଶୁଣିବାକୁ ରାଜି ନୁହଁନ୍ତି। ଶ୍ରୀ ଜେନା ନିଜର କାୟା ବିସ୍ତାର କରି ଏକ ସିମେଟ୍ ଇଟା କାରଖାନା ସରକାରୀ ଗୋଚର ଜମି ଉପରେ କରି ବିଦ୍ୟୁତ୍ ସଂଯୋଗରେ ବି ଜାଲିଆତି କରି ପଂଚାୟତର ସର୍ବସ୍ୱ ରାଶି ଲୁଟି ନେଉଥିବା ବେଳେ ଜିଲ୍ଲା ପ୍ରଶାସନର ନିରବତାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଏପରିକି ସରପଂଚ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟରେ ଚାଷ ଜମିର ଉନ୍ନତି କରଣ ପାଇଁ ଜବ୍ କାର୍ଡ ଧାରୀ ମାନଙ୍କୁ ଦେବା ବଦଳରେ ନିଜ ବାପା ଶିବ ପ୍ରସାଦ ଜେନାଙ୍କ ନାମରେ ବି ଲକ୍ଷାଧିକ ଟଙ୍କା ଚଳୁ କରି ଦେଇଥିବାର ସାଧାରଣରେ ଅଭିଯୋଗ ହେଉଛି। ସେହିପରି ଡ୍ରେନେଜ୍ ଖନନ ବେଳେ ଜବ୍ କାର୍ଡ ଧାରୀ ମାନେ କାର୍ଯ୍ୟ କରୁନଥିବାର ଦେଖିବାକୁ ମିଳୁଥିବାବେଳେ ରାତି ଅଧିଆ ଜେସିବି ମାଧ୍ୟମରେ ଗାଡ ଖୋଳି ଲକ୍ଷାଧିକ ଟଙ୍କାର ବିଲ୍ କରାଇ ନେଇ ଅର୍ଥ ରୋଜଗାର କରୁଛନ୍ତି। ସରପଂଚ ଶ୍ରୀ ଜେନା କରୋନା ପରି ମହାମାରୀ ବେଳେ ବି ସଙ୍ଗରୋଧ କେନ୍ଦ୍ର ଗୃହ କାର୍ଯ୍ୟ କରିବାକୁ ନେଇ ଲକ୍ଷ ଲକ୍ଷ ଟଙ୍କାର ପିସି ଆଦାୟ କରୁଥିବାର ଦେଖିବାକୁ ମିଳିଥିଲା। ସରପଂଚ ଶ୍ରୀ ଜେନାଙ୍କ କୋଟି କୋଟି ଟଙ୍କାର ବାଟମାରଣାକୁ ଦେଖି ସ୍ଥାନୀୟ ବୁଦ୍ଧିଜିବି ଓ କେତେକ ଦଳୀୟ କର୍ମୀ ମାନେ ଏପରି ଘୋଟାଲା ସମ୍ପର୍କରେ ରଘୁନାଥପୁର ବ୍ଲକ ଜନ ସୂଚନା ଅଧିକାରୀଙ୍କ ନିକଟରେ ନିର୍ଭୁଲ ତଥ୍ୟ ତଥା ଆୟ ବ୍ୟୟ ହୋଇଥିବା ସମ୍ପର୍କରେ ସୂଚନା ମାଗିଥିଲେ ବି ଏପର୍ଯ୍ୟନ୍ତ ସୂଚନା ମିଳି ପାରିଲା ନାହିଁ। ସୂଚନା ମିଳିଗଲେ ସରପଂଚ ଓ ବ୍ଲକ ପ୍ରଶାସନ ଅଧିକାରୀ ମାନଙ୍କର ଗୁମର ଫିଟିଯିବା ଭୟରେ ସୂଚନା ପ୍ରଦାନ କରାଯାଉ ନାହିଁ ବୋଲି ସାଧାରଣରେ ଆଲୋଚନା ଚାଲିଛି। ରଘୁନାଥପୁର ଗ୍ରା.ପ.ର ସରପଂଚ ଶ୍ରୀ ଜେନାଙ୍କ ଏପରି ଲୋମ ହର୍ଷଣ କାରୀ ଦୁର୍ନିତି ଘଟଣାକୁ ନେଇ ସ୍ଥାନୀୟ ଅଚଂଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଏହି ପଂଚାୟତର ସମସ୍ତ କାର୍ଯ୍ୟ ସମ୍ବନ୍ଧରେ ତଦାରଖ କରିବାକୁ ଦୁର୍ନିତି ନିବାରଣ ବିଭାଗକୁ ଦାୟୀତ୍ୱ ଦେବାକୁ ଦାବି କରିବା ସହିତ ଆସନ୍ତା ତା.୪.୧.୨୦୨୧ ରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମୁଖରେ ଧାରଣା ଦିଆଯିବ ବୋଲି ଯୁବ ସମାଜସେବୀ ଚନ୍ଦନ କୁମାର ଖଟୁଆ, ହେମନ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ପ୍ରମୋଦ ଚନ୍ଦ୍ର ସାହୁ, ଭରତ ସାହୁ, ପ୍ରକାଶ ସାହୁ ଓ ଅମିତ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। କିଛି ଦିନ ପରେ ପଂଚାୟତ ନିର୍ବାଚନକୁ ଲକ୍ଷ ରଖି ବିଜେଡି ଦଳ ସୁପ୍ରିମୋ ଦଳୀୟ ଭାବମୂର୍ତିକୁ ବଢାଇବାକୁ ଯୋଜନା କରିଚାଲୁଥିବାବେଳେ ଜଣେ ସରପଂଚଙ୍କ ପ୍ରାର୍ଦୁଭାବ ଆଗାମୀ ନିର୍ବାଚନ ଉପରେ କି ପ୍ରଭାବ ପକାଇବ ବୋଲି ବୁଦ୍ଧିଯିବି ମହଲରେ ଆଲୋଚନା ହେଉଛି।

# ନରସିଂହପୁରରେ କଂଗ୍ରେସର ପ୍ରସ୍ତୁତି ବୈଠକ

**ଚମ୍ପେଶ୍ୱର :** ନରସିଂହପୁର ଆଇନି ଶୃଙ୍ଖଳା, ନାରୀ ନିର୍ଯ୍ୟାତନା, ଶିଶୁ ଅପହୃତ ଘଟଣା କୁ ନେଇ କଟକ ଜିଲ୍ଲା ର ଯୁବ କଂଗ୍ରେସ ଓ ନଗର କଂଗ୍ରେସ କମିଟି ର ସମସ୍ତ ଯୁବ ଗୋଷ୍ଠି ଦ୍ୱାରା ଆଗାମୀ ୫ ତାରିଖ ଦିନ ଡିଜି ଅଫିସ ଘେରାଉ କରାଯିବା ନେଇ କଟକ ଜିଲ୍ଲାର ଆଠଗଡ ଉପଖଣ୍ଡ ର ବିଭିନ୍ନ ବ୍ଲକ ଏବଂ ନିର୍ବାଚନ ମଣ୍ଡଳୀ ରେ ମାରାଥନ ପ୍ରଚାର ଜାରି ରହିଛି। ଏନେଇ ରବିବାର ଦିନ ନରସିଂହପୁର ବ୍ଲକ ଚମ୍ପେଶ୍ୱର ସ୍ଥିତ କଲ୍ୟାଣି ମଣ୍ଡପ ଠାରେ ବଡମ୍ବା ନରସିଂହପୁର ଯୁବ ସଂଗ୍ରେସ ସଭାପତି ବଳଭଦ୍ର ପ୍ରହରାଜ ଙ୍କ ନେତୃତ୍ୱ ଏବଂ ତୃଣ ମୂଳ ସ୍ତର ର ପୁରୁଖା କର୍ମୀ ଶ୍ରୀଯୁକ୍ତ ବିପିନ ବିହାରୀ ପଣ୍ଡା ଓ ଯୁବ ନେତୃତ୍ୱ ବହନ କରିଥିବା ଶରତ କୁମାର ସାହୁ ଙ୍କ ନରତୃତ୍ୱରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବଂ ତତ୍ ସହିତ ଆଗକୁ ବଡମ୍ବା ନରିସିଂହପୁର ରେ ନୂତନ ଭାବେ ସମସ୍ତ ପଦବୀ କୁ ପରିବର୍ତ୍ତନ କରି ସଂଗଠନ ଦୃଢ କରାଯୀବ ବୋଲି କଟକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଲେଙ୍କା କହିଥିଲେ। ଏଥିରେ ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ, କଟକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅର୍ଯ୍ୟବିର ଲେଙ୍କା, ପିସିସି ସାଧାରଣ ସମ୍ପାଦକ ନିକୁଞ୍ଜ ପସାଏତ, ସହଯୋଗୀ ରାଜେନ୍ଦ୍ର ବୀର, କଂଗ୍ରେସ କର୍ମୀ ପ୍ରଦୀପ ଧଳ, ଶାନ୍ତନୁ ବଳିୟାରସିଂହ, ବିକାଶ ସୁବୁଦ୍ଧି, ସନ୍ତୋଷ ଭୋଇ, ବିପିନ ବିହାରୀ ପଣ୍ଡା, ନିର୍ମଳ ପଟ୍ଟନାୟକ, ସୁବାସ ନାୟକ, ଲକ୍ଷ୍ମୀଧର ସାହୁ, ବେଣୁ ଧର ରାଉଳ, ସମୀର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲିଗୁଡା ଏନଏସି ଦ୍ୱାରା ହିଞ୍ଜଡା ମାନଙ୍କୁ ଆତ୍ମନିର୍ଭରଶିଳ କରିବାକୁ ପ୍ରୟାସ

# ହିଞ୍ଜଡା ଚଳାଇବେ ଏନଏସି ଗାଡି



**ବାଲିଗୁଡା :** ବାଲିଗୁଡା ଏନଏସି ବର୍ତମାନ ହିଜିଡା ମାନଙ୍କୁ ଆତ୍ମନିର୍ଭରଶିଳ କରିବାକୁ ଏକ ପ୍ରୟାସ ଆରମ୍ଭ କରିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ଓ ବର୍ଯ୍ୟବସ୍ତୁ ପରିଚାଳନା ଯୋଜନାରେ ଦୁଇଟି ବେଟ୍ରିଚାଳିତ ନୁତନ ଅଟୋକୁ ଉଦଘାଟନ କରାଯାଇଛି। ଏହି ଦୁଇଟି ଅଟୋ ସହରର ମଧ୍ୟରେବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ଘର ମାନଙ୍କରୁ ଅଳିଆ ଆବର୍ଜନ ସଂଗ୍ରହ କରିବେ। ଏହି ଅଳିଆ ଆବର୍ଜନାକୁ ସୁଖିଲା ଅଲଗା ଓ ଓଦା ବର୍ଯ୍ୟବସ୍ତୁକୁ ଅଲଗା ସଂଗ୍ରହ କରିବ। ଏହି ଦୁଇଟି ବେଟ୍ରି ଚାଳିତ ଅଟୋକୁ ବାଲିଗୁଡା ସହରରେ ଥିବା ହିଂଜିଡା ମାନେ ଚଲାଇବେ ବା ଡ୍ରାଇଭିଂ କରିବେ। ଏହି ଅଟୋକୁ ଉଦଘାଟନ ଏବଂ ହିଜିଡା ମାନଙ୍କୁ ଦ୍ୱାୟୀତ୍ୱ କରିଛନ୍ତି ବାଲିଗୁଡା ଉପଜିଲ୍ଲାପାଳ ତଥା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଶୁଭଙ୍କର ମହାପାତ୍ର ଓ ଅଧକ୍ଷ ଲୋକନାଥ ପାଢୀ। ଉଦଘାଟନୀ ଉତ୍ସବରେ ସାନିଟାଇଜ ଏକ୍ସପୋର୍ଟ ଜୟପାଲ ବଳିଆର ସିଂ ଓ ଏସଆଇ ରାଜ କିଶୋର ସାହୁ ଉପସ୍ଥିତ ଥିଲେ। ଅଧକ୍ଷ ଲୋକନାଥ ପାଢୀ କହିଛନ୍ତି ଏହି ଯୋଜନାରେ ଆମେ ବାଲିଗୁଡା ସହରରେ ରହୁଥିବା ହିଜିଡା ମାନଙ୍କୁ ଆତ୍ମ ନିର୍ଭରଶିଳ କରିବାର ଏହା ଏକ ପ୍ରୟାସ,ଏହି ଦୁଇ ଗାଡି ଏନଏସି ଦ୍ୱାରା ପରିଚାଳିତ ହେବ କିନ୍ତୁ ଏହି ବେଟ୍ରିଚାଳିତ ଗାଡିକୁ ଏମାନେ ଚଲାଇବେ। ଆଗାମି ଦିନରେ ଏନଏସିକୁ ଆହୁରୀ ଏହି ଭଳି ଗାଡି ଆସିବ ଯାହାକୁ କି ଏହି ଭଳି ଲୋକଙ୍କୁ ଆତ୍ମନିର୍ଭରଶିଳ କରାଯିବ,ହିଜିଡା ମାନଙ୍କୁ ଆମେ ସୁଇପର ବା ଝାଡୁଦାର ଭାବେ ବି କାର୍ଯ୍ୟକରିବାକୁ ଯଦୀ ଆବେଦନ କରିବେ ତେବେ ସେମାନଙ୍କୁ ଅମ୍ନିଯୁକ୍ତି ପାଇଁ ରଖାଯି ବୋଲି କହିଛନ୍ତି ଅଧକ୍ଷ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜଧାନୀରେ ...

ଖୁବ୍‌ଶୀଘ୍ର ଭୁବନେଶ୍ୱର କରୋନା ମୁକ୍ତ ହୋଇଯିବ। ଚଳିତବର୍ଷ ପ୍ରଥମ ୩ ଦିନରେ ଯଥାକ୍ରମେ ୧୩, ୯ ଓ ୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତିନିଦିନ ଭିତରେ ମୋଟ ୩୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତଥାପି ରାଜଧାନୀରେ ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୮। ୨୦୨୦ ଶେଷ ପର୍ଯ୍ୟନ୍ତ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିଲେ ବି ମଝିରେ ମଝିରେ ହଠାତ୍ ବଢ଼ିଯାଉଥିଲା। ଏପରିକି କେଉଁଦିନ ୨୦ ତ ଆଉ କେଉଁଦିନ ୪୦କୁ ଟପି ଯାଉଥିଲା। ଯେଉଁଥିପାଇଁ ପ୍ରଶାସନର ମଧ୍ୟ ଚିନ୍ତା ବଢ଼ିଯାଇଥିଲା। ନୂଆବର୍ଷରେ ଆକ୍ରାନ୍ତଙ୍କ ସଂଖ୍ୟା କମିଯାଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ଏବଂ ବିଏମ୍‌ସି ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ବର୍ତ୍ତମାନର ଆକ୍ରାନ୍ତଙ୍କ ସଂଖ୍ୟା ଦେଖିଲେ ଆକଳନ କରାଯାଉଛି କି, ଜାନୁଆରୀ ମାସ ଶେଷ ସୁଦ୍ଧା କିମ୍ବା ଫେବୃଆରୀ ମାସ ପ୍ରଥମ ସପ୍ତାହ ମଧ୍ୟରେ ରାଜଧାନୀରେ ଆଉ କେହି କରୋନା ଆକ୍ରାନ୍ତ ନଥିବେ। ଅନେକ ଲୋକଙ୍କ ମଧ୍ୟରେ କରୋନା ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇସାରିଛି। ଯେଉଁଥିପାଇଁ ସଂକ୍ରମଣ ଆଉ ଅଧିକ ବ୍ୟାପୁନାହିଁ। ତଥାପି ଆମକୁ ଆଉ କିଛିଦିନ ପାଇଁ ସଚେତନ ରହି କୋଭିଡ୍ ନିୟମ ପାଳନ କରିବାକୁ ପଡିବ। ଏବେ ଯେଉଁମାନେ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହେଉଛନ୍ତି ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡିଛି। ତେଣୁ ଗତବର୍ଷ କରୋନା ଯେଭଳି ଭୟାବହତା ସୃଷ୍ଟି କରିଥିଲା ନୂଆବର୍ଷରେ ତାହାର ପରିସମାପ୍ତି ଘଟିବ ବୋଲି କୁହାଯାଇପାରିବ।

### ୧୧ରୁ ଖୋଲିବ ...

ଯେଉଁମାନଙ୍କର ସେମିଷ୍ଟର ବ୍ୟବସ୍ଥା ନାହିଁ, ସେମାନଙ୍କର ପରୀକ୍ଷା ଜୁନ ୧୧ରେ ଆରମ୍ଭ ହୋଇ ଜୁନ ୩୦ରେ ଶେଷହେବ। ପୂର୍ବଭଳି କ୍ଲାସ୍‌ରେ ସମସ୍ତ ଅଧ୍ୟାୟ ପଢ଼ାଯିବ। ସମ୍ଭବ ହେଲେ କ୍ଲାସର ଭିଡିଓ ରେକର୍ଡିଂ କରି ଅନୁପସ୍ଥିତ ବିଦ୍ୟାର୍ଥୀଙ୍କୁ ଯୋଗାଇ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ସୂଚନା ଦେଇଛନ୍ତି। କଣ୍ଟେନମେଣ୍ଟ ଜୋନରେ ରହୁଥିବା ବିଦ୍ୟାର୍ଥୀ ଓ ଶିକ୍ଷକ କ୍ଲାସ୍‌କୁ ଆସିବେ ନାହିଁ। ଫେସ୍ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। କ୍ଲାସ୍‌ରେ ସାନିଟାଇଜେସନ ବ୍ୟବସ୍ଥା ରହିବ। ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ। ଅଧିକ ବିଦ୍ୟାର୍ଥୀ ଥିବା କ୍ଲାସ୍‌କୁ ବିଭାଜିତ କରାଯିବ। ଶିକ୍ଷାନୁଷ୍ଠାନ ପରିସରରେ କେହି ବି ଛେପ ପକାଇବେ ନାହିଁ। ମାସ୍କ ପରିଧାନ ଏବଂ ହାତ ଧୁଆକୁ ଗୁରୁତ୍ୱ ଦିଆଯିବ। ଶ୍ରେଣୀରେ ପିଲାଙ୍କ ମଧ୍ୟରେ ବ୍ୟବଧାନ ୬ଫୁଟ୍ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଯଦି ଶ୍ରେଣୀରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଏ, ତେବେ ଶ୍ରେଣୀସଂଖ୍ୟା ବୃଦ୍ଧିକରାଯିବ। ୨୦୨୦-୨୦୨୧ ଶିକ୍ଷାବର୍ଷ ପାଇଁ ଜାନୁଆରୀ ୧୦ରୁ ହଷ୍ଟେଲ ଖୋଲିବ। ଅତ୍ୟନ୍ତ ୨୫% କୋର୍ସ ପିଲାମାନେ ନିଜେ ଶେଷକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷାକାଳ, ରବିବାର, ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା ଓ ଉତ୍କଳ ଦିବସକୁ ଛାଡ଼ି ଦେଲେ ଅନ୍ୟଦିନଗୁଡ଼ିକରେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲାରହିବ।

### ମାଟ୍ରିକ୍‌ରେ ୮୦ ...

ସମୟ ୨ଘଣ୍ଟା ରହିବ। ସଂସ୍କୃତ, ଇଂରାଜୀ ଏବଂ ଗଣିତରେ ୧ମାର୍କ ବିଶିଷ୍ଟ ୫୦ଟି ଏମ୍‌ସିକ୍ୟୁ ବା ମଲଟିପୁଲ ଚଏସ୍ କୋଶ୍ଚିନ୍ ରହିବ। ସେହିପରି ଅବଶିଷ୍ଟ ୩୦ମାର୍କ ଲାଗି ୬ଟି ପ୍ରଶ୍ନ ରହିବ। ଯାହାର ପ୍ରତି ପ୍ରଶ୍ନ ଲାଗି ୫ମାର୍କ ଲେଖାଏଁ ଥିବା ଜଣାପଡ଼ିଛି। ସାଧାରଣ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନରେ ୨୫ମାର୍କ ଲେଖାଏଁ ୨ଟି ଅବଜେକ୍ଟିଭ ପ୍ରଶ୍ନରହିବ। ୨ଟି ସବ୍‌ଜେକ୍ଟିଭ ପ୍ରଶ୍ନ ରଖାଯିବ। ପାଠପଢ଼ାରେ ବିଳମ୍ବ ହୋଇଥିବାରୁ ଆସନ୍ତା ପରୀକ୍ଷାରେ ଏପରି ପ୍ରଶ୍ନପତ୍ର ରହିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜାନୁଆରି ୮ରୁ ଏପ୍ରିଲ ୨୬ତାରିଖ ପର୍ଯ୍ୟନ୍ତ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ଦେବା ପାଇଁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ପାଠପଢ଼ା ଜାନୁଆରି ୮ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ହେବ। ଉପରୋକ୍ତ ନିର୍ଘଣ୍ଟ ଅନୁସାରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶନିବାର/ରବିବାରକୁ ମିଶାଇ ୧୦୦ ଦିନ ପାଠପଢ଼ା ହେବ। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯେପରି କୋଭିଡ୍ କଟକଣା ଅନୁଯାୟୀ ସ୍କୁଲ ଆସିବେ ଓ ପାଠପଢ଼ା ହେବ ସେଥିପାଇଁ ଏକ ବିସ୍ତୃତ ମାର୍ଗଦର୍ଶିକା (ଏସ୍‌ଓପି) ଜାରି ହୋଇଛି। ଏହି ଏସ୍‌ଓପି ଅନୁଯାୟୀ ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବ।

### ଟିକା ୧୧୦% ...

ଆଦୌ ଅନୁମୋଦନ ଦେଇନଥାନ୍ତୁ। ଏହି ଟିକା ୧୧୦ ପ୍ରତିଶତ ନିରାପଦ। ଏପରିକି ସବୁ ପ୍ରତିଷେଧକ ଟିକାରେ ଯେଭଳି ସାଧାରଣତଃ ସାମାନ୍ୟ ଜ୍ୱର, ଯନ୍ତ୍ରଣା କିମ୍ବା ଆଲର୍ଜି ଭଳି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ ଏହି କୋଭିଡ୍ ଟିକାରେ ସେଭଳି ଆଦୌ ଦେଖାଦେବ ନାହିଁ। ଏହି ଟିକା ପ୍ରଭାବରେ ଲୋକେ ପ୍ରଜନନ କ୍ଷମତା ହରାଇବେ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଉଛି ତାହା ସମ୍ପୂର୍ଣ୍ଣ ଭୁଲ। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଟିକା ମୋଟାମୋଟି ଭାବେ ୭୦.୪୨ ପ୍ରତିଶତ ପ୍ରଭାବୀ ବୋଲି ଡିସିଜିଆଇ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ଡିସିଜିଆଇ ଆହୁରି କହିଛନ୍ତି, ଏହି ଟିକା ମୂଷା, ଠେକୁଆ ଭଳି ବିଭିନ୍ନ ପ୍ରଜାତିର ପଶୁଙ୍କ ଠାରେ ପରୀକ୍ଷା କରାଯାଇ ଏହା ନିରାପଦ ବୋଲି ପ୍ରମାଣିତ ହୋଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମାନବ ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇଛି। ଉଲ୍ଲେଖଯୋଗ୍ୟ ସରକାର ୨୦୨୧ ଅଗଷ୍ଟ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ, ପୁଲିସ ସମେତ ଆଗୁଆ ଯୋଦ୍ଧା ଏବଂ ବୟସ୍କଙ୍କୁ ମିଶାଇ ୩୦ କୋଟି ଲୋକଙ୍କ ଟିକାକରଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ସରକାରଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଗତ ଶୁକ୍ରବାର ଆଷ୍ଟ୍ରାଜେନିକା ଓ ଅକ୍ସଫୋର୍ଡ ୟୁନିଭରସିଟି ଦ୍ୱାରା ବିକଶିତ ଟିକାର ଜରୁରୀ ବ୍ୟବହାର ପାଇଁ ଅନୁମୋଦନ କରିଥିଲେ। କୋଭାକ୍ସିନ୍ ମଧ୍ୟ ବ୍ରିଟେନ୍‌ର ନୂଆ ଷ୍ଟ୍ରେନ୍ ଭୂତାଣୁକୁ ପ୍ରତିରୋଧ କରିପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଉଭୟ ଟିକା ଦ୍ୱାରା ଭାରତରେ କୋଭିଡ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିବ।

### ଆତ୍ମନିର୍ଭର ଭାରତରେ ...

ଅଭିଯାନରେ ଯୋଗଦାନ କରିବା ଲାଗି ସ୍ଥାନୀୟ ଅଂଚଳରେ ରହିଥିବା ପ୍ରଚୁର ଖଣିଜ ସମ୍ପଦ ଏବଂ ଅନ୍ୟ ସମ୍ବଳର ଉନ୍ନତ ପରିଚାଳନା ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଆଇଆଇଏମ ଛାତ୍ରଛାତ୍ରୀମାନେ ଆତ୍ମନିର୍ଭର ଭାରତ ମିଶନ, ସ୍ଥାନୀୟ ଉତ୍ପାଦ ଏବଂ ଅନ୍ତର୍ଜାତୀୟ ସହଭାଗିତା ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିପାରିବେ। ତେଣୁ ସେମାନେ ଲୋକାଲକୁ ଗ୍ଲୋବାଲରେ ପରିଣତ କରିବା ଲାଗି ଅଭିନବ ଉପାୟ ସନ୍ଧାନ କରିବାର ଆବଶ୍ୟକତା ରହିଛି। "ଅଭିନବତାର ମିଶ୍ରଣ ଏବଂ ସମାବେଶୀକରଣ"ର ମନ୍ତ୍ର ସହିତ ଆପଣମାନଙ୍କୁ ନିଜର ପରିଚାଳନା ଦକ୍ଷତା ପ୍ରଦର୍ଶିତ କରିବାର ଆବଶ୍ୟକତା ରହିଛି", ଶ୍ରୀ ମୋଦୀ କହିଥିଲେ। ଥ୍ରିଡିଟିଭ ପ୍ରିଂଟିଂ, ପରିବର୍ତିତ ଉତ୍ପାଦନ କୌଶଳ, ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳ ପରିଚାଳନା ଭଳି ନୂତନ ଜ୍ଞାନକୌଶଳ ଆଦି କ୍ଷେତ୍ରରେ ଦେଖା ଦେଇଥିବା ନୂତନ ପରିଚାଳନାଗତ ଆହ୍ୱାନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଏହିସବୁ ପ୍ରଯୁକ୍ତି ଡିଜିଟାଲ ସଂଯୋଗ ସହିତ ମିଶିବା ଏବଂ ଯେକୌଣସି ସ୍ଥାନରୁ କାର୍ଯ୍ୟ କରିବାର ଧାରା ଆରମ୍ଭ ହେବା ପରେ ସମଗ୍ର ବିଶ୍ୱ ଏକ ବୈଶ୍ୱିକ ଗ୍ରାମରେ ପରିଣତ ହୋଇଛି। ବିଗତ କିଛିମାସ ଧରି ଭାରତ ଅନେକ ସଂସ୍କାରକୁ ଗ୍ରହଣ କରିଛି। କେବଳ ପରିବର୍ତନକୁ ଗ୍ରହଣ କରିନାହିଁ ବରଂ ସେଗୁଡ଼ିକୁ ଆଶାନୁରୂପ ହେବା ଏବଂ ଅତିକ୍ରମ କରିବାକୁ ଚେଷ୍ଟା କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପରିବର୍ତିତ କାର୍ଯ୍ୟଶୈଳୀ ପରିଚାଳନା ଦକ୍ଷତାର ଚାହିଦା ଉପରେ ପ୍ରଭାବ ପକାଉଛି। ଟପ-ଡାଉନ କିମ୍ବା ଟପ-ହେଭି ପରିଚାଳନା ଦକ୍ଷତା ପରିବର୍ତେ ଏବେ ସହଭାଗୀ, ଅଭିନବ ଏବଂ ପରିବର୍ତନକାରୀ ପରିଚାଳନାର ଆବଶ୍ୟକତା ଦେଖାଦେଇଛି। ବୋଟ୍ସ ଏବଂ ଆଲଗୋରିଦିମର ପରିଦୃଶ୍ୟ ସହିତ, ପ୍ରଯୁକ୍ତିଗତ ପରିଚାଳନା ଏବେ ମାନବ ପରିଚାଳନା ଭଳି ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଭାରତରେ କୋଭିଡ ସଂକଟକୁ ଯେପରି ଭାବେ ବ୍ୟାପକ ସ୍ତରରେ ଅଭିନବ ଢଙ୍ଗରେ ଏବଂ ସହଭାଗିତା ମାଧ୍ୟମରେ ପରିଚାଳନା କରାଯାଇପାରିଲା ସେ ଦିଗରେ ଗବେଷଣା କରିବା ଲାଗି ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏତେ କମ ସମୟ ମଧ୍ୟରେ କ୍ଷମତା ଓ ସାମର୍ଥ୍ୟକୁ କିପରି ଭାବେ ବୃଦ୍ଧି କରାଯାଇପାରିଲା ସେ ସମ୍ପର୍କରେ ଅଧ୍ୟୟନ କରିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଦେଶ ସ୍ୱଳ୍ପ ଅବଧିର ସମାଧାନକୁ ଛାଡ଼ି ଦୀର୍ଘକାଳୀନ ସମାଧାନର ଆଭିମୁଖ୍ୟ ଆପଣାଇଥିବାରୁ ସେ ଆନନ୍ଦ ବ୍ୟକ୍ତ କରିଥିଲେ। ସେ ଜନ ଧନ ବ୍ୟାଙ୍କ ଖାତା ଏବଂ ଏଲପିଜି ସଂଯୋଗ ସଂଖ୍ୟା ବୃଦ୍ଧିର ଉଦାହରଣ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୧୪ରେ ଏଲପିଜି ସଂଯୋଗ ମାତ୍ର ୫୫ ପ୍ରତିଶତ ଥିବା ବେଳେ ଆଜି ଏହା ୯୮ ପ୍ରତିଶତରେ ପହଁଚିଛି। ବ୍ୟାପକ ସ୍ତରରେ ଅଭିନବତାକୁ ଆପଣାଇବା, ଯୋଜନା ପ୍ରସ୍ତୁତ କରିବା ଏବଂ ଯୋଜନାକୁ କାର୍ଯ୍ୟକାରୀ କରିବା ଦ୍ୱାରା ଏହା ସମ୍ଭବପର ହୋଇପାରିଛି ବୋଲି ସେ କହିଥିଲେ। "ମ୍ୟାନେଜମେଂଟରର ଅର୍ଥ କେବଳ ବଡ଼ କମ୍ପାନୀ ଚଳାଇବା ନୁହେଁ ବରଂ ମ୍ୟାନେଜମେଂଟ ହେଉଛି ଜନଜୀବନର ସମସ୍ୟା ଦୂର କରିବା", ପ୍ରଧାନମନ୍ତ୍ରୀ କହିଥିଲେ। ଭଲ ମ୍ୟାନେଜର ହେବାକୁ ହେଲେ ଦେଶରେ ରହିଥିବା ସମସ୍ୟାଗୁଡ଼ିକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି କାରଣରୁ, ଉଚ୍ଚ ଶିକ୍ଷା ସଂସ୍ଥାନଗୁଡ଼ିକରେ ବ୍ୟାପକ ସୁଯୋଗ ରହିବା ଜରୁରି ଏବଂ ସେମାନେ କେବଳ ନିଜର ବିଶେଷଜ୍ଞତା ମଧ୍ୟରେ ସୀମିତ ରହିବା ଅନୁଚିତ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜାତୀୟ ଶିକ୍ଷାନୀତିରେ ଏକ ବିସ୍ତୃତ, ବହୁବିଷୟକ ଏବଂ ସାମଗ୍ରିକ ଦୃଷ୍ଟିକୋଣ ନେଇ ସମୟ ସହ ବଦଳୁଥିବା ପେସାଦାର ଶିକ୍ଷା ବ୍ୟବସ୍ଥାରେ ରହିଥିବା ବାଧାଗୁଡ଼ିକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

# ଉତ୍କଳ କେଶରୀ-ହରେକୃଷ୍ଣ ମହତାବ




ଅକ୍ଷୟ କୁମାର ରାଉତ




ବହୁ ଉନ୍ନତ ଜାତି ଇତିହାସର ଚକ ତଳେ ଚାପି ହୋଇ ଲୋପ ପାଇଯାଇଛନ୍ତି। ସେମାନଙ୍କର ସଭ୍ୟତା ତଥା ସଂସ୍କୃତିର ଚିହ୍ନବର୍ଣ୍ଣ ଖୋଜିବା ଆଜି ପ୍ରତ୍ନତତ୍ୱବିଦ୍‌ମାନଙ୍କର କାର୍ଯ୍ୟ ପାଲଟିଛି। ପ୍ରାୟ ୧୫୦୦ ବର୍ଷ ଧରି ଉନ୍ନତିର ଶିଖରରେ ପହଁଚିଥିବା ଓଡିଆ ଜାତି ସମୟକ୍ରମେ ବିଦେଶୀ ଦ୍ୱାରା ଲୁଣ୍ଠିତ ହୋଇଛି। ଭୌଗୋଳିକ ଭାବରେ ଛିନ୍ନ ବିଛିନ୍ନ ହୋଇ ଗଙ୍ଗାଠାରୁ ଗୋଦାବରୀ ବ୍ୟାପିଥିବା ଓଡିଶା କ୍ରମେ ତିନୋଟି ଜିଲ୍ଲା ମଧ୍ୟରେ ସୀମିତ ହୋଇଥିଲା। ଏହି ଭଳି ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆବିର୍ଭାବ ଘଟେ ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର। ୧୩୦୭ ସାଲ ମାର୍ଗଶିର କୃଷ୍ଣ ଚତୁର୍ଥୀ ବିଛା ୭ ଦିନ ମଙ୍ଗଳବାର ବୃହସ୍ପତି ମହାଦଶାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅଗରପଡା ଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ ଓ ମାତାଙ୍କ ନାମ ତୋହଫା ବିବି। ପ୍ରଥମରୁ ସେ ମହତାବ ନଥିଲେ। ପରେ ଅଜା ଜଗନ୍ନାଥ ମହତାବଙ୍କ ଘରକୁ ପୁଅ ହୋଇଯିବାରୁ 'ମହତାବ' ସାଙ୍ଗିଆ ହେଲା।

ହରେକୃଷ୍ଣ ମହତାବ ପ୍ରଥମେ ଗାଁ ଚାଟଶାଳୀରେ ଅବଧାନ ସଦେଇ ଦାସଙ୍କ ନିକଟରେ ପାଠପଢ଼ା ଆରମ୍ଭ କରିଥିଲେ। ଗାଁ ସ୍କୁଲରେ ପାଠପଢ଼ା ସାରି ସେ ଭଦ୍ରକ ହାଇସ୍କୁଲରେ ପାଠ ପଢ଼ିଲେ। ହାଇସ୍କୁଲରେ ପଢ଼ିବା ସମୟରେ ତାଙ୍କ ମା ଆରପାରିକୁ ଚାଲିଗଲେ। ତାଙ୍କ ବାପା ହରେକୃଷ୍ଣଙ୍କର ହାତକୁ ଦି'ହାତ କରିବାକୁ ଚିନ୍ତା କଲେ। ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ ଝିଅ ସୁଭଦ୍ରାଙ୍କ ସହିତ ହରେକୃଷ୍ଣଙ୍କର ବାହାଘର କରାଇଦେଲେ। ବାହାଘର କେତେ ଦିନପରେ ସେ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ୍ କରି କଟକ ରେଭେନ୍ସା କଲେଜରେ ନାଁ ଲେଖାଇଲେ। ସେଠାରେ ସେ ନବକୃଷ୍ଣ ଚୌଧୁରୀଙ୍କ ସହିତ ପରିଚିତ ହେଲେ। ବନ୍ଧୁମାନଙ୍କ ସାହାଯ୍ୟରେ ମେସ୍‌ରୁ 'ମଳୟ' ନାମକ ଓଡିଆ ପତ୍ରିକା ଓ 'ଡଷ୍ଟବିନ୍' ନାଁରେ ଏକ ଇଂରାଜୀ ପତ୍ରିକା ପ୍ରକାଶ କରିଥିଲେ। ମହତାବ ଦ୍ୱିତୀୟ ଶ୍ରେଣୀରେ ଆଇ.ଏସ୍.ସି. ପାସ୍ କରି ସେହିଠାରେ ବି.ଏସ୍.ସି. ନପଢ଼ି ବି.ଏ. ଶ୍ରେଣୀରେ ନାମ ଲେଖାଇଲେ।

କଟକର ବାଖରାବାଦର 'ଭାରତୀ ମନ୍ଦିର' ପାଠାଗାର ଦେଶଭକ୍ତ ଓ ଦେଶ ପ୍ରେମୀମାନଙ୍କର ଏକ କେନ୍ଦ୍ର। ଏଥିରେ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର ଆଦି ସକ୍ରୟ ଅଂଶ ଗ୍ରହଣ କରୁଥିଲେ। ହରେକୃଷ୍ଣ ମହତାବ ସେମାନଙ୍କୁ ସହଯୋଗ ଦେଲେ। ଥରେ ମହତାବ ଉତ୍କଳ ସମ୍ମିଳନୀରେ ଯୋଗଦେଇ ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ। ପ୍ରଥମ ରାଉଲଟ୍ ଆଇନ୍ ଓ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ମହତାବଙ୍କୁ ବିଚଳିତ କରିଥିଲା। କଲିକତା ଓ ନାଗପୁର କଂଗ୍ରେସର ଅଧିବେଶନରେ ଯୋଗଦେଇ ବହୁ ଜାତୀୟ ସ୍ତରର କଂଗ୍ରେସ ନେତାଙ୍କ ସଂସ୍ପର୍ଶରେ ଆସିଲେ ଓ ଗୋପବନ୍ଧୁ ଦାସଙ୍କ ସହିତ ସାକ୍ଷାତ କରିଥିଲେ। ଫଳରେ ସେ କଲେଜ ପାଠପଢ଼ା ଛାଡି କଂଗ୍ରେସରେ ଯୋଗଦେଲେ। ବାଲେଶ୍ୱରଠାରେ 'ସ୍ୱରାଜ୍ୟ ମନ୍ଦିର' ଅନ୍ୟମାନଙ୍କ ସହଯୋଗରେ ଗଠନ କରିଥିଲେ। ବାଲେଶ୍ୱର କଂଗ୍ରେସ କମିଟିର ମହତାବ ହେଲେ ସମ୍ପାଦକ। କଂଗ୍ରେସର ବିଦେଶୀ ବସନ ବର୍ଜନ ଆନ୍ଦୋଳନରେ ଜଣେ ବିଲାତି ଲୁଗା ବୋପରି ଗାଡିକୁ ଅଟକାଇ ମହତାବ ୧୫ ଦିନ ଜେଲଦଣ୍ଡ ଭୋଗ କଲେ ୨୫ ଟଙ୍କା ଜୋରିମାନା ଦେଇନପାରି। ଏହାଥିଲା ତାଙ୍କର ପ୍ରଥମ ଜେଲଦଣ୍ଡ। ସ୍ୱାଧୀନତା ଆନ୍ଦୋଳନରେ ସେ ସାତ ଥର ଗିରଫ ହୋଇ ଦୀର୍ଘ ଆଠବର୍ଷ କାଳ ଜେଲ୍ ଦଣ୍ଡ ଭୋଗ କରିଛନ୍ତି। ମହତାବ ଭାଗଲପୁର ଜେଲ୍‌ରେ ରହିବା ସମୟରେ ପଚସ୍ତରୀ ସେର ଧାନ କୁଟିବା ବା କୋଡିଏ ସେର ଗହମ ଚୂରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା। ସେ ଜେଲ ସୁପରିଟେଣ୍ଡେଙ୍କୁ କୁହାବୋଲା କରି ଲେଖାପଢ଼ା କାମ ପାଇଲେ। ଏହି ସୁଯୋଗରେ ମହତାବ 'ଅଜବ ଦୁନିଆ' ନାଁରେ ଏକ ଓଡିଆ ଉପନ୍ୟାସ ଓ 'ଫ୍ରି ଥିଙ୍କିଙ୍ଗ' ନାମରେ ଖଣ୍ଡେ ଇଂରାଜୀ ବହି ଲେଖିଥିଲେ। ପରେ ପୋଲିସ୍ 'ଅଜବ ଦୁନିଆ'ର ମୂଳ ଲେଖାଟି ପୋଡି ଦେଇଥିଲା।

କନିକା ପ୍ରଜା ଆନ୍ଦୋଳନର ନେତୃତ୍ୱ ଯୋଗୁ ଭୋଗୁଥିବା ଜେଲ୍ ଦଣ୍ଡରୁ ମୁକ୍ତି ପାଇବା ପରେ ୧୯୨୩ ମସିହାରେ କଟକ ମୁକୁର ପ୍ରେସ୍‌ରୁ ସାପ୍ତାହିକ 'ପ୍ରଜାତନ୍ତ' ପ୍ରକାଶ କରିଥିଲେ ମହତାବ। ୧୯୨୭ ମସିହାରେ ସାପ୍ତାହିକ ଆଡଭେଞ୍ଚର ପତ୍ରିକା ପ୍ରକାଶ କରିଥିଲେ। ୧୯୩୦ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଂଚୁଡି ଲବଣ ସତ୍ୟାଗ୍ରହରେ ଗିରଫ ହୋଇ ୧୮ ମାସ ଜେଲ ବରଣ କରିଥିଲେ। ୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇଥିଲା। ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାରର ପ୍ରତିବାଦରେ ୧୯୩୭ ମସିହାରେ ପଟ୍ଟାଭି ସୀତାରାମେୟାଙ୍କ ସଭାପତିତ୍ୱରେ ପ୍ରଜାମାନଙ୍କର ଏକ ସମ୍ମିଳନୀ କଟକ ଠାରେ ହୋଇଥିଲା। ଗଡଜାତ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତଦନ୍ତ ପାଇଁ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇଥିଲା।

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ସତ୍ୟାଗ୍ରହ ପାଇଁ ସ୍ଥିରକଲା। ଆନ୍ଦୋଳନକୁ ଚପାଇଦେବା ପାଇଁ ବ୍ରିଟିଶ ସରକାର ଦେଶର ସବୁ ବଡ଼ ବଡ ନେତାମାନଙ୍କୁ ଗିରଫ କରାଇ ନେଲେ। ଚାନ୍ଦବିବି କିଲ୍ଲା ବା ଅହମଦ ନଗର ଫୋ'ର୍ଟ ଜେଲରେ ଦେଶର ବଡ ବଡ ନେତାଙ୍କ ସହିତ ମହତାବ ବନ୍ଦୀରେ ରହିଥିଲେ। ସେଠାରେ ସେ 'ଓଡିଶା ଇତିହାସ' ତିନୋଟି କାବ୍ୟ, ତିନୋଟି ଉପନ୍ୟାସ ଓ କେତୋଟି କବିତା ରଚନା କରିଥିଲେ। ଏହାଥିଲା ଓଡିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ।

୧୯୪୬ ମସିହାରେ ହୋଇଥିବା ନିର୍ବାଚନରେ ୫୬ଟି ଆସନରୁ ୩୭ଟିରେ କଂଗ୍ରେସ ପ୍ରାର୍ଥୀମାନେ ବିନା ଲଢ଼େଇରେ ଜିତିଥିଲେ। ଅନ୍ୟ ୧୯ଟି ଆସନରେ ଲଢ଼େଇ ହୋଇଥିଲା। ସେଥିରୁ କଂଗ୍ରେସ ୧୦ଟି ପାଇଥିଲା। ମହତାବଙ୍କ ନେତୃତ୍ୱରେ ଓଡିଶାରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା। ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ୧୯୪୬ ମସିହା ଅପ୍ରେଲ ମାସରୁ ୧୯୫୦ ମସିହା ମେ ମାସ ପର୍ଯ୍ୟନ୍ତ ଓଡିଶାର ପ୍ରଧାନମନ୍ତ୍ରୀ ଥିଲେ। ଓଡିଶାର ଲାଟସାହେବ ସାର୍ ହାଥର୍ଣ୍ଣ ଲୁଇସ୍ ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ। କିନ୍ତୁ ମହତାବ ବହୁତ ଅସୁବିଧା ସତ୍ୱେ ଟଙ୍କା ଯୋଗାଡକରି ହୀରାକୁଦ ବନ୍ଧ ତିଆରି କରିଥିଲେ। ତାଙ୍କର କାର୍ଯ୍ୟକାଳ ଭିତରେ ସେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ, ମାଛକୁଣ୍ଡରେ ଡୁଡୁମା ଜଳବିଦ୍ୟୁତ୍ କେନ୍ଦ୍ର, ଓଡିଶା ଅଲମ୍ପିକ୍ ଆସୋସିଏସନ୍ ଗଠନ, ବିଦ୍ୟାଧରପୁରରେ ଧାନ ଗବେଷଣା କେନ୍ଦ୍ରର ଭିତିପ୍ରସ୍ତର ସ୍ଥାପନ, କଟକରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ଓଡିଶା ହାଇକୋର୍ଟ ପ୍ରତିଷ୍ଠା କରିଥିଲେ। ୧୯୪୭ ନଭେମ୍ବର ୧୪ ତାରିଖରେ ନୀଳଗିରି ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ ଏବଂ ଡିସେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣର ଚୁକ୍ତିପତ୍ର ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ କରିଥିଲେ। ୧୯୪୮ ମସିହା ଜାନୁୟାରୀ ପହିଲା ଦିନ ୨୫ଟି ଗଡଜାତ ଓଡିଶାରେ ମିଶିଲା। ଏହାର ବର୍ଷକ ପରେ ମୟୁରଭଞ୍ଜ ରାଜ୍ୟ ଓଡିଶାରେ ମିଶିଲା। ସବୁ କାର୍ଯ୍ୟ ମହତାବଙ୍କ ପରି ବ୍ୟକ୍ତିଙ୍କ ଯୋଗୁ ସମ୍ଭବ ହୋଇଥିଲା। ତାଙ୍କ ଏହି ସବୁ କାର୍ଯ୍ୟରେ ଖୁସିହୋଇ ନେହେରୁ ତାଙ୍କୁ ଅନୁରୋଧ କରିଥିଲେ ସେ ଓଡିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀଭାବେ ଯୋଗ ଦେବାକୁ। ବାସ୍ତବରେ ତାହାହିଁ ହୋଇଥିଲା। ୧୯୫୧ ମସିହାରେ ମହତାବ କଂଗ୍ରେସ ପ୍ରାର୍ଥୀ ଭାବରେ କଟକ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରରେ ମନ୍ତ୍ରୀ ନହୋଇ କଂଗ୍ରେସ ସଂସଦୀୟ ଦଳର ସେକ୍ରେଟେରୀ ଜେନେରାଲ ହୋଇଥିଲେ।

୧୯୫୫ ମାର୍ଚ୍ଚ ୨ରୁ ୧୯୫୬ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳଭାବେ ନିଯୁକ୍ତ ହୋଇଥିଲେ। ୧୯୫୬ ଅକ୍ଟୋବର ୧୯ରୁ ୧୯୬୧ ଫେବୃୟାରୀ ୨୪ ତାରିଖ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟରେ ଭୁବନେଶ୍ୱରରେ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଗୃହ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସମୟରେ ବିଧାନସଭାରେ ଭୂସଂସ୍କାର ବିଲ୍ ଗୃହୀତ ହୋଇଥିଲା। ରାଉରକେଲା ଇସ୍ପାତ୍ କାରଖାନା କାର୍ଯ୍ୟ ସେ ପୂର୍ଣ୍ଣାଙ୍ଗ କରିଥିଲେ। ଅନୁଗୋଳ ଲୋକସଭାରୁ ନିର୍ବାଚିତ ହୋଇ ଦୁଇ ବର୍ଷ ପାଇଁ ସେ କଂଗ୍ରେସ ସଂସଦୀୟ ଦଳର ଉପନେତା ହୋଇଥିଲେ।

୧୯୬୬ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଓଡିଶାରେ ଜନକଂଗ୍ରେସ ଦଳ ଗଠନ କଲେ। ୧୯୬୭ ମସିହା ବିଧାନସଭା ନିର୍ବାଚନରେ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମିଶି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ। ମହତାବ ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜିତିଥିଲେ। ପରେ ଭୁବନେଶ୍ୱର ବିଧାନସଭା ଆସନରୁ ଇସ୍ତଫାଦେଇ ପତ୍ନୀ ଶ୍ରୀମତୀ ସୁଭଦ୍ରା ମହତାବଙ୍କୁ ଜିତାଇ ବିଧାନସଭାକୁ ପଠାଇଥିଲେ। ୧୯୭୧ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଡାକରାରେ କଂଗେସ ଦଳକୁ ଫେରିଆସି ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜୟଲାଭ କରିଥିଲେ। ପରେ ସେ ଭଦ୍ରକ ଆସନରୁ ଇସ୍ତଫା ଦେଇଥିଲେ। ୧୯୭୪ ମସିହାରେ ଭୁବନେଶ୍ୱର ଆସନରୁ ବିଧାନସଭାରୁ ନିର୍ବାଚିତ ହୋଇଥିଲେ। ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଲାଲା ବାହାଦୂର ଶାସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା। ଇନ୍ଦିରାଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ମହତାବ। ଏହାର ଏଗାର ବର୍ଷ ପରେ ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଇନ୍ଦିରାଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କରି ମହତାବଙ୍କ ସହିତ ବହୁ ଜାତୀୟ ନେତାଙ୍କୁ ଗିରଫ କରିଥିଲେ। ଏହି ଜରୁରୀ ପରିସ୍ଥିତିରେ ଜେଲ ଜୀବନରେ 'ତୃତୀୟ ପର୍ବ' ନାମରେ ଏକ ଉପନ୍ୟାସ ବହି ଲେଖିଥିଲେ।

ହରେକୃଷ୍ଣ ମହତାବ ୧୯୪୭ ଅଗଷ୍ଟ ୮ରେ କଟକରୁ ଦୈନିକ 'ପ୍ରଜାତନ୍ତ୍ର'ର ପୁନଃ ପ୍ରକାଶ କରିଥିଲେ। ପ୍ରଜାତନ୍ତ୍ରରେ 'ଗାଁ ମଜଲିସ' ଶୀର୍ଷକ ସ୍ତମ୍ଭ ମାଧ୍ୟମରେ ଗ୍ରାମାଂଚଳର ଅସୁବିଧା ସଂପର୍କରେ ପ୍ରକାଶ କରୁଥିଲେ। ସେ 'ଝଙ୍କାର', 'ମୀନାବଜାର', 'ହୀରାଖଣ୍ଡ' ଓ 'ଇଷ୍ଟର୍ଣ୍ଣ ଟାଇମସ୍' ପ୍ରକାଶ କରିଥିଲେ। ସେ 'ବିଷୁବ ମିଳନ'ର ଶୁଭାରମ୍ଭ କରିଥିଲେ। ଗାଁ ମଜଲିସ୍ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ଓଡିଶା ସାହିତ୍ୟ ଏକାଡେମୀ, ସଂଗୀତ ନାଟକ ଏକାଡେମୀ ଓ ଲଳିତ କଳା ଏକାଡେମୀର ମଧ୍ୟ ସଭାପତି ଥିଲେ। ତାଙ୍କ ରଚିତ 'ପୂଣ୍ୟାତ୍ମା ଗୋପବନ୍ଧୁ', 'ଚମ୍ପାଭାଇ', 'ପଲାସୀ ଅବସାନ', 'ସ୍ୱରାଜ୍ୟ ସାଧନ', 'ସାଧନା ପଥେ' ଓ 'ପ୍ରତିଭା', 'ଟାଉଟର', 'ଦୁର୍ଭିକ୍ଷ', 'ଗାଁ ମାଟି', 'ଗାଁ ଟାଉଟର', 'ଅବ୍ୟାପାର', 'ଫ୍ରିଡମ୍ ମୁଭ୍‌ମେଂଟ୍ ଅଫ୍ ଓଡିଶା ଓ ହ୍ୱାଇଲ୍ ସର୍ଭିଂ ମାଇଁ କନ୍‌ଟ୍ରି।

ମହତାବ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇବା ଓ ବଳି ପ୍ରଥା ଉଠେଇବାର ଉଦ୍ୟମ ଯୋଗୁ ପ୍ରସଂସାର ପାତ୍ର। ତାଙ୍କର ପଣ୍ଡିତ ପଣିଆ, ବୁଦ୍ଧ ବିଚାର ଯୋଗୁ ଆନ୍ଧ୍ର, ସୌଗର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ। ୧୯୮୭ ମସିହା ଜାନୁଆରୀ ୨ ତାରିଖରେ ୮୮ ବର୍ଷ ବୟସରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମମୟ ଜୀବନର ଅବସାନ ଘଟିଲା। ସବୁଆଡେ ଦୁଃଖର ଛାୟା "ଉତ୍କଳ କେଶରୀ" ଆଉ ନାହାନ୍ତି। ସେ କେବଳ ସ୍ୱାଧୀନତା ସଂଗ୍ରାମର ସାରଥି ଭାବରେ ନୁହେଁ ଓଡିଶା ନବଯୁଗର ପ୍ରବର୍ତ୍ତକ କି ଓଡିଶାର ଭୀଷ୍ମ ଭାବରେ ନୁହେଁ, ବରଂ ଲୋକ ଶାସନର ସୂତ୍ରଧର ରୂପେ ଅପରାଜୟ ନେତା ଭାବରେ ଯୁଗ ଯୁଗ ଧରି ଜନମାନସରେ ବଂଚି ରହିବେ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*





# ପର୍ଯ୍ୟଟକଙ୍କ ମନମୋହୁଛି ମାଛକାନ୍ଦଣା ଜଳପ୍ରପାତ



**ଉଦଳା, (ନିରୁପମା ରଣା) :** ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଝରଣାର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକ ମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ବଡଦିନ ଠାରୁ ଆରମ୍ଭ କରି ନୂଆବର୍ଷ ଆସିଲେ ପର୍ଯ୍ୟଟନ ସ୍ଥଳୀ ବୁଲିବା ଓ ବଣଭୋଜି କରିବାର ବେଶ ମଜା ନେଇଥାନ୍ତି ପର୍ଯ୍ୟଟକ। ସେଇଥିପାଇଁ ତ କରୋନା କଟକଣା ଥିଲେ ମଧ୍ୟ ପର୍ଯ୍ୟଟନ ସ୍ଥଳୀରେ ଏବେ ଭିଡ ଦେଖିବାକୁ ମିଳୁଛି। ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦ ଦେଶରେ ଅବସ୍ଥିତ ଏ ହେଉଛି ମାଛକାନ୍ଦଣା ଜଳପ୍ରପାତ। କପ୍ତିପଦା ବ୍ଲକ ମନଭଙ୍ଗା ଠାରେ ଅବସ୍ଥିତ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଜଳପ୍ରପାତ ମାଛକାନ୍ଦଣା। ଯିଏ ଥରେ ଆସିଛି ଏହି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭୁଲି ନପାରି ପୁଣି ଆଗାମୀ ବର୍ଷ ପାଇଁ ନିଜର ସାଙ୍ଗସାଥୀ ମାନଙ୍କୁ ନେଇ ଏଠାରେ ବୁଲିବା ଓ ବଣଭୋଜି କରିବାର ମଜା ନେଇଥାନ୍ତି ତ ଆଉ କିଏ ନୂଆ ଜାଗା ଦେଖିବାର ମନରେ ଆଶା ରଖି ଏହି ଜାଗାକୁ ଆସିଥାନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମନଲୋଭା ପରିବେଶର ପର୍ଯ୍ୟଟନ ସ୍ଥଳୀ ରହିଛି। ସେଥିମଧ୍ୟରୁ ମାଛ କାନ୍ଦଣା ଜଳପ୍ରପାତ ଅନ୍ୟତମ। ଉଦଳା ଠାରୁ ୨୦ କିଲୋମିଟର ପୋଡାଡିହା ରାସ୍ତା ଦେଇ ଗଲେ ମନଭଙ୍ଗା ଠାରେ ପଡେ ଏହି ଜଳପ୍ରପାତ। ଗାଁ ଠାରୁ ତିନି କିଲୋମିଟର ବଣ ପାହାଡ ଘେରା ରାସ୍ତା ଦେଇ ଗଲେ ପର୍ଯ୍ୟଟକମାନେ ଏହି ପ୍ରାକୃତିକ ମନଲୋଭା ଦୃଶ୍ୟକୁ ଉପଭୋଗ କରିଥାନ୍ତି। କେବଳ ଏ ଅଞ୍ଚଳ ନୁହେଁ ବାଲେଶ୍ୱର, କଟକ, ଭୁବନେଶ୍ୱର ତଥା ଓଡ଼ିଶା ବାହାରୁ ପର୍ଯ୍ୟଟକ ମାନଙ୍କର ସୁଅ ଛୁଟିଥାଏ। କିଏ ବଣ ଭୋଜି ତଥା ବୁଲାବୁଲି କରିବାର ମଜା ନେଉଥିବା ବେଳେ ଯୁବପିଢ଼ି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ସେଲଫି ନେବାର ମଜା ନେଇଥାନ୍ତି। ସତରେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମାଛ କାନ୍ଦଣା ଜଳପ୍ରପାତକୁ ଯିଏ ଥରେ ଆସିଛି ତା ମନରେ ଅସରନ୍ତି ଖୁସି ଆଣିଦେଇଛି। ବିଶେଷକରି ଡିସେମ୍ବର ୨୫ରୁ ଫେବୃଆରୀ ପର୍ଯ୍ୟନ୍ତ ଏହି ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକ ମାନେ ଆସିଥାନ୍ତି।







କିଏ ପରିବାର ସହ ଆସିଥାଏ ତ ଆଉ କିଏ ସାଙ୍ଗସାଥିଙ୍କୁ ନେଇ ବୁଲାବୁଲି କରିବାର ମଜା ନେଇଥାନ୍ତି। ତେବେ ମାଛ କାନ୍ଦଣା ଜଳପ୍ରପାତରେ ଗମନାଗମନ ଓ ପାନୀୟ ଜଳର ସମସ୍ୟା ଥିବା ବେଳେ ଏହାକୁ ସରକାରଙ୍କ ଦୃଷ୍ଟି ପଡିଲେ ଏହି ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇବା ସହ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବ ବୋଲି ପର୍ଯ୍ୟଟକମାନେ ପ୍ରକାଶ କରିଛନ୍ତି।



- 3 K.M. from Khurdha Collector Office
- 2 K.M. from Khurdha Medical
- 300 mtrs. from IDVP School
- Price : Per Sq.Ft. 250/-

PLOT FOR SALE

S.M. PROJECT

CONTACT
MAHESWAR SAMANTRAY
SATYAPRIYA SAHOO
7978543986 / 9668495099

Boundary wall and possession before registration
Main road 500 Mtrs. from project

TARATUA
Khurdha


# ପଦୋନ୍ନତି ପାଇଲେ ଦୁଇ ବରିଷ୍ଠ ନିବନ୍ଧକ

**ଭୁବନେଶ୍ୱର :** ନିକଟରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୬୯ଜଣଙ୍କ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ଏଥିରେ ଭୁବନେଶ୍ୱର ଦୁଇ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ଜଣାଶୁଣା ଜିଲ୍ଲା ନିବନ୍ଧକ ପବିତ୍ର ସାମଲ ଓ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କୁ ପଦୋନ୍ନତି ମିଳିଛି। ଏହି ଦୁଇ ବରିଷ୍ଠ ଅଧିକାରୀ ଓଡ଼ିଶା ରାଜସ୍ୱ ସେବା ପାହ୍ୟାରୁ ଓଡ଼ିଶା ପ୍ରଶାସନିକ ସେବାକୁ ପଦୋନ୍ନତି ପାଇଛନ୍ତି। ସରକାରଙ୍କ ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ଶ୍ରୀ ସାମଲ ଏବଂ ଶ୍ରୀ ତ୍ରିପାଠୀ ଯେଉଁ ସ୍ଥାନରେ ଥିଲେ ସେଠାରେ



ପବିତ୍ର ସାମଲ



ମୃତ୍ୟୁଞ୍ଜୟ ତ୍ରିପାଠୀ

କାର୍ଯ୍ୟ କରିବେ ବୋଲି ଜଣାପଡିଛି। ରାଜସ୍ୱ ସେବାର ଏହି ଦୁଇ ଅଧିକାରୀଙ୍କ ପଦୋନ୍ନତିକୁ ନେଇ ଭୁବନେଶ୍ୱର କୋର୍ଟରେ କାର୍ଯ୍ୟରତ ଓକିଲ ଓ ମୋହରୀରମାନେ ଖୁସି ଜାହିର କରିଛନ୍ତି। ପଦୋନ୍ନତି ପାଇଲା ପରେ ଦୁଇ ଅଧିକାରୀଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂଚନାଯୋଗ୍ୟ, ଶ୍ରୀ ସାମଲ ଏବଂ ଶ୍ରୀ ତ୍ରିପାଠୀ ସରକାରୀ ନିୟମର ସଠିକ ଅନୁପାଳନ କରିବା ସହିତ ସାଧାରଣ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବା କ୍ଷେତ୍ରରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିପାରି ଥିବାରୁ ସରକାର ତାଙ୍କୁ ଏହି ପଦୋନ୍ନତି ଦେଇଛନ୍ତି।




evos

CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

EVOS PARADISE,
Near AIIMS Hospital,BBSR

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in



Prakash Pradhan
DIRECTOR

Cell : 9438231921
7978650996

ODISSI & BANANEE

Khadi & Handlooms
Handicrafts & Cottage Industries Products

Sri Sathya Sai Mandira Chowk, Bhawanipatna-766011
Kalahandi (Odisha) E-mail : odissibananee@gmail.com



ନୂତନ ବର୍ଷ ୨୦୨୧ ଅବସରରେ ଜୟପାଟଣାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମାଁ ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରେ କି, ନୂତନ ବର୍ଷ ସମସ୍ତଙ୍କ ପାଇଁ ଶୁଭ ମଙ୍ଗଳମୟ ହେଉ।

ସନ୍ତୋଷ କୁମାର ସିଂହ
ପ୍ରତିନିଧି, ଏକମାତ୍ର
ଜୟପାଟଣା, ଭବାନୀପାଟଣା





ଶିବ ଛତୁ ପାର୍ଲର

ଏଠାରେ ସବୁ ପ୍ରକାର ଛତୁ, ପାମ୍ପଡ ଓ ମସଲା ମିଳେ

ଶିବ ଶଙ୍କର ପାଣିଗ୍ରାହୀ
ଘୋଡାଘାଟ ଛକ, ଭବାନୀପାଟଣା
ଦୂରଭାଷ : ୯୪୩୭୨୯୪୦୫୩





ନୂତନ ବର୍ଷ ୨୦୨୧ ଅବସରରେ ଭବାନୀପାଟଣାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମାଁ ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରେ କି, ନୂତନ ବର୍ଷ ସମସ୍ତଙ୍କ ପାଇଁ ଶୁଭ ମଙ୍ଗଳମୟ ହେଉ।

ବିଶ୍ୱଜିତ ମହାନ୍ତି
ସ୍ୱତନ୍ତ୍ର ପ୍ରତିନିଧି, ଏକମାତ୍ର
ଭବାନୀପାଟଣା



ଜୟ ଦୁର୍ଗା ଆଗ୍ରୋ

JAY DURGA AGRO
Cell : 9938602275
Ghanashyam Das
Jaypatna, Kalahandi





ନୂତନ ବର୍ଷ ୨୦୨୧ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାବାସୀ ତଥା ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରେ କି, ନୂତନ ବର୍ଷ ସମସ୍ତଙ୍କ ପାଇଁ ଶୁଭ ମଙ୍ଗଳମୟ ହେଉ।

ସର୍ଜନ ବାରିକ
ସାମ୍ବାଦିକ ଓ ସମାଜସେବୀ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ସୁବର୍ଣ୍ଣପୁର





PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି